# ୩ ଦାଦନ ଶ୍ରମିକ ଉଦ୍ଧାର:ଆନ୍ଧ୍ରରେ ୨ ଅଟକ

ପଟ୍ଟାଙ୍ଗି,୪।୧୧(ଡି.ଏନ.ଏ)



ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ରାଲେଗଡା ପଞ୍ଚାୟତର ୩ ଦାଦନ ଶ୍ରମିକଙ୍କୁ ଆନ୍ଧ୍ରରୁ ଉଦ୍ଧାର କରାଯାଇଛି । ଅନ୍ୟ ଦୁଇ ସେଠାରେ ଅଟକ ରହିଛନ୍ତି। ଜାମୁଗୁଡା , ବୋଡାପାଡୁ ଏବଂ କର୍ତ୍ତାଲବା ତିନି ଗ୍ରାମରୁ ପାଞ୍ଚ ଶ୍ରମିକ ଆନ୍ଧ୍ର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ନିର୍ଯାତନାର ଶୀକାର ହୋଇଥିବା ଜଣାଯାଇଛି। ଏନେଇ ଗ୍ରାମବାସୀ ସ୍ଥାନୀୟ ବିଡ଼ିଓଙ୍କୁ ଭେଟି ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଦାମନଯୋଡି ନିକଟସ୍ଥ ଜଲାପୁଟ ତଥା ଜଲାଗୁଡା ଗ୍ରାମର ଜାନି ରାମ ନାମକ ଜଣେ ଦଲାଲଙ୍କ ପ୍ରଲୋଭନରେ ଜାମୁଗୁଡା ଗ୍ରାମର ଭିମାନା ମାଝି, କଟା ଦାମ, ରାଜୁ କଟା ଏବଂ ବୋଡାପାଡୁ ଗ୍ରାମର ମାମାଡି ମୁଗାନା ଓ କର୍ତ୍ତାଲବା ଗ୍ରାମର ଲାଛନା କଡ୍ରି ଆନ୍ଧ୍ରକୁ ଦାଦନ ଖଟିବାକୁ ଯାଇଥିଲେ । ସେମାନେ ଆନ୍ଧ୍ରର ରାମଚନ୍ଦ୍ରପୁର ଗ୍ରାମର ଆପା ରାଓଙ୍କ ମାଛ ବନ୍ଧରେ ଗତ ସେପ୍ଟେମ୍ବରରୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ମାଲିକଙ୍କୁ ପାରିଶ୍ରମିକ ମାଗିବାରୁ ସେ ଖାଇବାକୁ ନ ଦେଇ ନିର୍ଯାତନା ଦେଇଥିଲେ। ଗ୍ରାମକୁ ଫେରି ଯିବା ଲାଗି କହିଲେ ଏକ ଘରେ ରଖି ନିସ୍ଥୁକ ମାଡ଼ ଦେଉଥିଲେ । ନିର୍ଯାତନା ଦିଆଯାଉଥିବା ଖବରପାଇ ସେମାନଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମାଛ ବନ୍ଧ ମାଲିକଙ୍କୁ ୩ ଶ୍ରମିକ ପିଛା ୯ ହଜାର ଟଙ୍କା ପ୍ରଦାନ କରି ସେମାନଙ୍କୁ ଉଦ୍ଧାର କରିଥିବା ଶ୍ରମିକ କଟା ଦାମ ପ୍ରକାଶ କରିଛନ୍ତି । ଏଥିସହ ଅନ୍ୟ ଦୁଇ ଶ୍ରମିକ ମାମାଡି ଏବଂ ଲାଛନା ସେଠାରେ ଅଟକ ରହିବା ସହ ନିର୍ଯାତନା ପାଉଥିବା ଗ୍ରାମର କଟା ରବି , ବନ୍ଧୁ ମାଝି , କଟା ତ୍ରିପତି ଏବଂ ଭିମାନା ମାଝି ପ୍ରମୁଖ ସ୍ଥାନୀୟ ବିଡ଼ିଓ କରୁଣା କର ପ୍ରଧାନ ଏବଂ ଥାନା ଅଧିକାରୀ ବିଜୟ ରାଜ ମାଝିଙ୍କ ନିକଟରେ ଅଭିଯୋଗ କରିଛନ୍ତି ଅଟକ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଗୁହାରୀ କରିଛନ୍ତି । ଅନ୍ୟପକ୍ଷରେ ଫେରି ଆସିଥିବା ଭିମାନା ଓ ରାଜୁ କହିଛନ୍ତି ଯେ, ଉକ୍ତ ମାଛ ବନ୍ଧ ମାଲିକଙ୍କ ନିର୍ଯାତନା ସହି ନ ପାରି ବନ୍ଧୁଗାଁ ବ୍ଲକର ଜଣେ ଶ୍ରମିକ କେଉଁଆଡ଼େ ଚାଲିଯାଇଛନ୍ତି । ଏନେଇ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଥାନା ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲାପାଳ ଏବଂ ଜିଲା ଶ୍ରମ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଛି । ତୁରନ୍ତ ସେଠାରେ ଅଟକ ଥିବା ଦୁଇ ଶ୍ରମିକଙ୍କୁ ଉଦ୍ଧାର କରାଯିବ ବୋଲି କହିଛନ୍ତି । ଥାନା ଅଧିକାରୀ ବିଜୟ ରାଜ ମାଝିଙ୍କୁ ପଚାରିବାରୁ, ବିଡ଼ିଓଙ୍କୁ ଦିଆଯାଇଥିବା ଅଭିଯୋଗପତ୍ର ର ଏକ ନକଲ ମୋ ନିକଟରେ ପହଞ୍ଚିଛି ବୋଲି କହିଛନ୍ତି। ଜିଲା ଶ୍ରମ ଅଧିକାରୀ ପ୍ରଶନ୍ନ କୁମାର ପାଣୀ କହିଛନ୍ତି ଯେ, ପଟ୍ଟାଙ୍ଗି ବିଡ଼ିଓଙ୍କଠାରୁ ସମସ୍ତ ଅଭିଯୋଗର ଲିଖିତ ଚିଠି ଆମର ହସ୍ତଗତ ହୋଇଛି । ଅତିଶୀଘ୍ର ଦୁଇ ଶ୍ରମିକଙ୍କ ସମେତ ଅନ୍ୟ ଶ୍ରମିକମାନଙ୍କୁ ଉଦ୍ଧାର କରାଯିବ ବୋଲି ପ୍ରକାଶ କରିଛନ୍ତି।

# କିଡନୀ ରୋଗରେ ଆକ୍ରାନ୍ତ ଶିକ୍ଷକଙ୍କ ମୃତ୍ୟୁ

କାଲିମେଲା,୪।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକରେ ପୁଣି ଜଣେ କିଡନୀ ରୋଗରେ ଆକ୍ରାନ୍ତ ଥିବା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ଗତ ରବିବାର ବ୍ଲକ ଅନ୍ତର୍ଗତ ନାଲାଗୁଣ୍ଡି ପଞ୍ଚାୟତ ଏମଭି-୭୨ ଗ୍ରାମର ଜଣେ କିଡନୀ ରୋଗୀଙ୍କ ମୃତ୍ୟୁ ହୋଇଥିବା ବେଳେ ଏହି ରୋଗରେ ବଡିଗେଟା ପଞ୍ଚାୟତର ଏମଭି-୭୦ ଗ୍ରାମର ରଞ୍ଜନ କୁମାର ସରକାରଙ୍କ ରବିବାର ରାତିରେ ମୃତ୍ୟୁ ହୋଇଥିବା ଜଣାପଡିଛି । ରଞ୍ଜନ ବଡିଗେଟା ପଞ୍ଚାୟତ ମାରିଗେଟା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିୟମିତ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ । ତେବେ ତାଙ୍କର ୨ଟିଯାକ କିଡନୀ ଖରାପ ଥିବାରୁ ସେ ଦୀର୍ଘବର୍ଷ ଧରି ଅସୁସ୍ଥ ଥିଲେ। କିଡନୀ ରୋଗର ଚିକିତ୍ସା ପାଇଁ ସେ କଟକ, କୋରାପୁଟ ମାଲକାନଗିରି ମେଡିକାଲରେ ଚିକିତ୍ସିତ ହୋଇଥିଲେ। ମାଲକାନଗିରି ମେଡିକାଲରେ ତାଙ୍କର କିଡନୀ ଡାଇଲେସିସି ଚାଲିଥିଲା । ଅଧିକ ଚିକିତ୍ସା ପାଇଁ ସେ ରବିବାର ରାୟପୁରକୁ ଏକ ଘରୋଇ ବସ ଯୋଗେ ଯାଉଥିବା ବେଳେ ଗୋବିନ୍ଦପାଲି ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ପରିବାର ଲୋକେ କହିଛନ୍ତି। ଏହି ଖବର ପାଇ ବ୍ଲକ ଶିକ୍ଷକ ସଂଘ ସଭାପତି ଧ୍ରୁବ ଚରଣ ନାୟକ, ସମ୍ପାଦକ ଜୟନ୍ତ କୁମାର ସାମଲ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ପଣ୍ଡା, ସମିର ଗୋପ, ନିଶିକାନ୍ତ ଅଧିକାରୀ, ବିଧାନ ବିଶ୍ୱାସଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ସ୍ନାତକ ପରୀକ୍ଷାରେ ଏରୋନଟିକ୍ସ ମହାବିଦ୍ୟାଳୟର ସଫଳତା






କୋରାପୁଟ,୪।୧୧(ସ୍ୱ.ପ୍ର)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ୨୦୧୯ ଶିକ୍ଷାବର୍ଷରେ ଯୁକ୍ତ ତିନି ଶେଷ ବର୍ଷର ସ୍ନାତକ ପରୀକ୍ଷା ଫଳ ପ୍ରକାଶ ପାଇଛି । ସୁନାବେଡା ହାଲସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟର ଛାତ୍ରୀମାନେ ଭଲ ନମ୍ବର ରଖି ପ୍ରଥମ ସ୍ଥାନ ସହ ଟପ୍‌ଟେନ୍‌ରେ ରହି ମହାବିଦ୍ୟାଳୟକୁ ଗୌରବ ଆଣି ଦେଇଛନ୍ତି। ୨୦୧୯ ବର୍ଷର ସ୍ନାତକ ପରୀକ୍ଷା ମଧ୍ୟରେ ବାଣିଜ୍ୟ ବିଭାଗର ଆକାଉଣ୍ଟସ ସମ୍ମାନରେ ସୁଶ୍ରୀ ଶିବାନୀ ଜେନା ୧୨୨୮ ନମ୍ବର ରଖି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ସୁଶ୍ରୀ ପୁଜା ବେହେରା୧୧୩୪ ନମ୍ବର ରଖି ଦଶମ ସ୍ଥାନରେ ରହିଛନ୍ତି । ସେହିପରି କଳା ବିଭାଗରେ ଅର୍ଥନୀତି ସମ୍ମାନରେ ମହାବିଦ୍ୟାଳୟର କମଳିନି ବିଶୋଇ ୧୦୭୨ ନମ୍ବର ରଖି ୫ମ ଓ ସୁଶ୍ରୀ ତନୁଜା ବେହେରା ୧୦୪୪ ନମ୍ବର ରଖି ନବମ ସ୍ଥାନ ଅଧିକାର କରିଛନ୍ତି । ଏହି ସଫଳତା ପାଇଁ ସୁନାବେଡା ହାଲ ସହରାଞ୍ଚଳରେ ଅଭିଭାବକ,ଅଧ୍ୟାପିକା ଅଧ୍ୟାପକ, ଅଧ୍ୟକ୍ଷ, କର୍ମଚାରୀ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଧରିତ୍ରୀର ୪୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ସମସ୍ତ ପାଠକ ପାଠିକା ଏବଂ ଧରିତ୍ରୀ ପରିବାରଙ୍କୁ ଶୁଭେଚ୍ଛା ଜଣାଇବା ସହ ଧରିତ୍ରୀର ଉତ୍ତରୋତ୍ତର କାମନା କରୁଛି ।

**ଦଶରଥ ପଡିଆମି**

ଜିଲ୍ଲା ପରିଷଦ ଅଧ୍ୟକ୍ଷ, ମାଲକାନଗିରି

# ବାଉଁଶରାଣୀ ନୃତ୍ୟ ଦେଉଛି ରୋଜଗାର

କୋରୁକୋଣ୍ଡା,୪।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଗତ କିଛିଦିନ ଧରି ବାଉଁଶରାଣୀ ନୃତ୍ୟ ଦେଖିବାକୁ ମିଳୁଛି। ସୋମବାର ଏହି ନୃତ୍ୟ କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦେଖିବାକୁ ମିଳିଥିଲା। ଗୋଟେ କୁନି ଝିଅଟିଏ ଦୁଇପାର୍ଶ୍ୱରେ ପୋତା ଯାଇଥିବା ବାଉଁଶରେ ବନ୍ଧା ଯାଇଥିବା ରଶିରେ ଚାଲୁଥିଲା। ଏହି ସମୟରେ ସେ ମୁଣ୍ଡରେ କଳସ ଧରି ହାତରେ ଏକ ବାଉଁଶ ବାଡି ଧରି ନୃତ୍ୟ ପରିବେଷଣ କରୁଥିଲା। ଏହି ନୃତ୍ୟ ଦେଖିବାକୁ ବହୁ ଲୋକ ଜମା ହୋଇଥିଲେ। ଝିଅଟିକୁ ଟଙ୍କା ମଧ୍ୟ ଦେଇଥିଲେ। ଏପରି କଳା ପରିବେଷଣ କରିବା ବିପଜ୍ଜନକ ହୋଇଥିଲେ ମଧ୍ୟ ପରିବାର ଚଳାଇବା ଲାଗି ଏପରି କରିବାକୁ ପଡୁଛି ବୋଲି ଝିଅଟି ସହ ଥିବା ପରିବାର ଲୋକେ କହନ୍ତି। ଏହି ନୃତ୍ୟ ପରିବେଷଣ ପାଇଁ ସେମାନେ ବିଭିନ୍ନ ସମୟରେ ଅନ୍ୟ ରାଜ୍ୟକୁ ଯାଇଥାନ୍ତି ବୋଲି କହିଥିଲେ।

ଧରିତ୍ରୀର ୪୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ସମସ୍ତ ପାଠକ ପାଠିକା ଏବଂ ଧରିତ୍ରୀ ପରିବାରଙ୍କୁ ଶୁଭେଚ୍ଛା ଜଣାଇବା ସହ ଧରିତ୍ରୀର ଉତ୍ତରୋତ୍ତର କାମନା କରୁଛି।



A WELL WISHER

ଧରିତ୍ରୀର ୪୫ତମ ବର୍ଷ ପୂର୍ତ୍ତି ଅବସରରେ ସମସ୍ତ ପାଠକ ପାଠିକାଙ୍କୁ ଶୁଭେଚ୍ଛା ଜଣାଇବା ସହ ଧରିତ୍ରୀର ଉତ୍ତରୋତ୍ତର କାମନା କରୁଛି ।



A WELL WISHER

### ୮ ଘଣ୍ଟା ପରେ ଉଠିଲା ଅସହାୟ ବୃଦ୍ଧଙ୍କ ମୃତଦେହ

# ପୁଅ ଆସିଲାନି, କାନ୍ଧ ଦେଲେ ସରପଞ୍ଚ, ବିଜୁ ଯୁବବାହିନୀ



ମୃତଦେହକୁ ସଂସ୍କାର ପାଇଁ ରଖାଯାଇଛି ।

କୁନ୍ଦୁରା, ୪।୧୧(ଡି.ଏନ୍.ଏ.)

ବାପାର ମୃତ୍ୟୁ ଘଟିଲା। ମୃତଦେହକୁ ସତ୍କାର କରିବାକୁ ପୁଅ ଆସିଲାନି। ଅସହାୟ ଅବସ୍ଥାରେ ସ୍ୱାମୀର ମୃତଦେହ ନିକଟରେ ବସି ରହିଥିଲେ ସ୍ତ୍ରୀ। ଦୀର୍ଘ ୮ ଘଣ୍ଟା ଧରି ମୃତଦେହ ଘରେ ରହିବା ପରେ ସ୍ଥାନୀୟ ସରପଞ୍ଚ,ପିଇଓ ଓ ବିଜୁଯୁବ ବାହିନୀର ଉଦ୍ୟମରେ ମୃତଦେହ ସତ୍କାର ହୋଇଥିଲା। ମୃତଦେହକୁ କାନ୍ଧ ଦେଇଥିଲେ ସରପଞ୍ଚ, ବିଜୁ ଯୁବ ବାହିନୀ । ଏଭଳି ଘଟଣା ଘଟିଛି କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଦିଗାପୁର ପଞ୍ଚାୟତ ଦିଗାପୁର-କୁନ୍ଦୁରା ମୁଖ୍ୟରାସ୍ତା କଡ଼ରେ। ଏଠାରେ ଡମ୍ବରୁ ଘିଉରିଆ(୬୮) ଓ ସ୍ତ୍ରୀ ସନାଇ ଦୀର୍ଘ ୧୦ ବର୍ଷ ହେଲା ରହି ଆସୁଥିଲେ। ଏକମାତ୍ର ପୁଅ ଥିଲେ ମଧ୍ୟ ସେ ଘୁମର ଅଞ୍ଚଳରେ ଶ୍ୱଶୁର ଘରେ ରହୁଛନ୍ତି। ଡମ୍ବରୁ ଘିଉରିଆଙ୍କ ସୋମବାର ମୃତ୍ୟୁ ଘଟିଥିଲା। କିପରି ସ୍ୱାମୀର ଅନ୍ତିମ ସତ୍କାର କରିବେ ସେ ନେଇ ଚିନ୍ତାରେ ପଡିଥିଲେ ସନାଇ। ସନାଇଙ୍କ କାନ୍ଦ ଶୁଣି ଇନ୍ଦିରା କଲୋନୀର କେତେକ ଯୁବକ ସେଠାରେ ପହଞ୍ଚିଥିଲେ। ନଡ଼ିଆପାଲି ଗ୍ରାମର ସୋମନାଥ ସାହୁ ଜାଣିବା ପରେ ଦିଗାପୁର ସରପଞ୍ଚ ବୃନ୍ଦାବନ ନାୟକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ସରପଞ୍ଚ, ପିଇଓ ପେଙ୍ଗୁ ମାଝିଙ୍କ ସମେତ ମଣିଗାଁ ସରପଞ୍ଚ ଶ୍ୟାମସୁନ୍ଦର ପୂଜାରୀ, ସମ୍ବାରୁ ଗରାହାଣ୍ଡିଆ, ପୀତାମ୍ବର ଅଡାରୀ, ଧନ ଅଡାରୀ, ଅଶ୍ୱିନୀ ଚୌଧୁରୀ, କଳାକାର ମିଶ୍ର, ହର ହରିଜନ, ମକର ନାୟକ, ବଂଶୀ ପ୍ରଧାନୀ, ସୋମନାଥ ହନ୍ତାଳ ଏବଂ ବିଜୁ ଯୁବବାହିନୀ ସଦସ୍ୟ ପହଞ୍ଚି ମୃତଦେହ ସତ୍କାର ବ୍ୟବସ୍ଥା କରିଥିଲେ। ସରପଞ୍ଚ ନିଜେ ଆବଶ୍ୟକ ଜିନିଷ ଯୋଗାଡ଼ କରିବା ସହ ମୃତ ଡମ୍ବରୁଙ୍କ କୋକେଇଙ୍କୁ କାନ୍ଧ ଦେଇଥିଲେ। ନିକଟରେ ଥିବା ଏସ୍‌ଏସ୍‌ଡି ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ମଧ୍ୟ ଆର୍ଥିକ ସହାୟତା ଦେବା ସହ ସହଯୋଗ କରିଥିଲେ। ପୁଅ ଥାଇ ମଧ୍ୟ ପହଞ୍ଚି ନ ଥିବାବେଳେ ସମସ୍ତଙ୍କ ପ୍ରଚେଷ୍ଟାରେ ଦୀର୍ଘ ୮ଘଣ୍ଟା ପରେ ଅପରାହ୍ନ ୫ଟାରେ ଡମ୍ବରୁଙ୍କ ଅନ୍ତିମ ସତ୍କାର କରାଯାଇଥିଲା। ସରପଞ୍ଚ ଏବଂ ପିଇଓ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। W

# ବର୍ଷାଜଳ ଭୂତଳ ସଂରକ୍ଷଣ ପ୍ରକଳ୍ପକୁ ବୁଲି ଦେଖିଲେ କମିଶନର

ମାଥିଲି, ୪।୧୧:ମାଲକାନଗିରି ଜିଲା ଦାୟିତ୍ୱରେ ଥିବା ନୋଡାଲ କମିଶନର ବୀର ବିକ୍ରମ ଯାଦବ ସୋମବାର ମାଲକାନଗିରି ଜିଲା ଗସ୍ତ କରିଥିଲେ । ଏହି ଅବସରରେ ସେ ମାଥିଲି ଆସି ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଥିଲେ। ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ କମିଶନର ପ୍ରଥମେ ଉଦୁଲିବେଡା ପଞ୍ଚାୟତରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏଠାରେ ଜିଲାରେ ପ୍ରଥମ ଥର ପାଇଁ ହୋଇଥିବା ବର୍ଷାଜଳ ଭୂତଳ ସଂରକ୍ଷଣ ପ୍ରକଳ୍ପ ବୁଲି ଦେଖିଥିଲେ । ଉଦୁଲିବେଡା ପଞ୍ଚାୟତର ଗୋଡିଆଳି ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ପରିସରରେ ୧ ଲକ୍ଷ ଟଙ୍କା ବ୍ୟୟରେ ପରୀକ୍ଷଣ ଭାବେ ହୋଇଥିବା ଏହି ପ୍ରକଳ୍ପକୁ କମିଶନର ଦେଖିବା ସହିତ ଏହାର ସୁବିଧା ଓ ଉପକାରିତା ସମ୍ପର୍କରେ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ପଚାରି ବୁଝିଥିଲେ । ଉପ ଜିଲାପାଳ ରାମେଶ୍ୱର ପ୍ରଧାନ, ଏପିଡି ମାନସ ମିଶ୍ର, ସିଏସ୍‌ଓ ମନୋଜ ପ୍ରଧାନ, ଖଇରପୁଟ ବିଡିଓ ବିଶ୍ୱଜିତ୍ ବର୍ମନ, ସହକାରୀ ଯନ୍ତ୍ରୀ ନଗେନ୍ଦ୍ର ନାଥ ଦାସ, ପିଇଓ ଅଶୋକ ମହାରଣା, ଉପସ୍ଥିତ ଥିଲେ।

ଧରିତ୍ରୀର ୪୫ତମ ବର୍ଷ ପୂର୍ତ୍ତି ଅବସରରେ ସମସ୍ତ ପାଠକ ପାଠିକାଙ୍କୁ ଶୁଭେଚ୍ଛା ଜଣାଇବା ସହ ଧରିତ୍ରୀର ଉତ୍ତରୋତ୍ତର କାମନା କରୁଛି ।



A WELL WISHER

On the occasion of completing Forty Five years of its successful journey.

GAYATRI MODEL SCHOOL
COLLEGE ROAD, RAYAGADA
(Recognised by Govt. of Odisha)
Phone: 06856-225467
Wishes 'The DHARITRI' all accomplishments.



Admissions Open
for +2 Science & Commerce Stream



With Best Compliments From:



St.XAVIER'S SENIOR SECONDARY SCHOOL
(A Branch of St. Xavier's Chain of Schools)
A CBSE affiliated school vide affiliation number 1530204
(From Montessori I, II, III, Std. I - X, +2 Science, +2 Commerce)
A GRAND OPENING of
CHILD DEVELOPMENT CENTRE
on 14.11.19 for 2 and half years kids.
No books, No fees, No uniform. Only limited seats
1. Residential cum Day scholars school, 2. Special toy room for Montessori class rooms, 3. Classes from Montessori I, II, III & from Std. I to Std. X, 4. Fully equipped Science lab and Mathematics lab. 5. Modernised library, 6. Separate hostel facility for boys and girls, 7. Well equipped class rooms with digital smart boards, 8. Excursions, Picnics, Study tours, Seminars and many more, 9. Flexible Transport Facility, 10. Out door and indoor games, 11. Inter-Xavier's sports at national level, 12. Inter-Xavier's Talent show at national level, 13. Automated SMS facility.
• HOSTEL FACILITIES • THE BEST RESIDENTIAL SCHOOL IN RAYAGADA TOWN
FOR MORE DETAILS CONTACT: PRINCIPAL, Contact No. 06856-223536 (Office), 7803838987, 7013675415, 9861783631, 8895142668, Email: rayagadasxhs@yahoo.in



ଧରିତ୍ରୀର ୪୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ସମସ୍ତ ପାଠକ ପାଠିକା ଏବଂ ଧରିତ୍ରୀ ପରିବାରଙ୍କୁ ଶୁଭେଚ୍ଛା ଜଣାଇବା ସହ ଧରିତ୍ରୀର ଉତ୍ତରୋତ୍ତର କାମନା କରୁଛି ।

Indian National Congress
durgapr.panda@rediffmail.com
09437182203

Durga Prasad Panda
President
District Congress Committee, Rayagada
Rama Krushna Nagar, Rayagada, Odisha-765001

JK PAPER MILLS, JAYKAYPUR
BRINGS SMILE IN THE FACE OF FARMERS
THROUGH SOLAR MICRO IRRIGATION PROJECT.

**SPARSH is a CSR partner of JK Paper Mills** and also the Society for Community Initiatives & Rural Development have affiance its entire efforts for sustainable growth and development. It affiance on its entire efforts for sustainable growth of the downtrodden & vulnerable tribal of Rayagada, Kolnora and Kalyansinghpur blocks of Rayagada District.
On the relentless effort of SPARSH, The Farmers Club in different villages are infusing Scientific practices to bring a greater promotion and also probability in agriculture. Till date 94 Farmer's Clubs have been formed with a total of 1457 and their availing the benefits like strengthening and their income sources on implementing of the new Scientific Project.

In the meanwhile SPARSH realized the biggest challenge here for the farmers like inconsistent rainfall and inadequate irrigation facility. To address these issues, the concept of **Solar Micro Irrigation** started in Maudiguda where a numbers of Farmers are farming their land around the year and earning their livelihood.
The solar micro irrigation project in Maudiguda started with 45 farmers, in a total of 26 acres of land. The project is one of its kinds as not only it ensures regular irrigation facility and also imbibed latest technology in the project.




The Farmers of the project are availing adequate water facility which helps them to cultivate three crops in a year and simultaneously the income source increased tenfold from the previous years. According to the statistic collected from the sources the Farmers were earning from each arcs is Rs.15, 000 to Rs.20,000. Post *project*, income from each acre is Rs.1, 80,000/-to Rs. 2, 00,000/-.

Apart from that, the project is also positively impacting the lives of the farmers. Due to regular irrigation service, the farmers moved from cotton cultivation to vegetable cultivation, which is yielding better financial return.

After success of the Project at Maudiguda it is being replicated in 12 different villages.

SPARSH: TOUCHING THE LIVES OF PEOPLE.

ଉପଦେଶ ଦେବା ଯେତିକି ସହଜ, ଉପଦେଶ ଗ୍ରହଣ କରିବା ସେତିକି କଷ୍ଟ।
- ସନ୍ଥ ତୁଳସୀ ଦାସ




ପରଜା ସମ୍ପ୍ରଦାୟର ଆଦିବାସୀମାନେ ପାରମ୍ପରିକ ନୃତ୍ୟ କରୁଛନ୍ତି ।


ଦୁରୁଆ ସମ୍ପ୍ରଦାୟର ଆଦିବାସୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।


କଳାକାରମାନଙ୍କ ଦ୍ୱାରା ଡେମସାନୃତ୍ୟ ପରିବେଷଣ ।

## ସଂକ୍ଷେପରେ

### ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ



ଦାମନଯୋଡ଼ି,୪।୧୧(ଡି.ଏନ୍.ଏ.): ମାଥାଲପୁଟ ମାଲୁ ସାଉନ୍ତା ହାଇସ୍କୁଲ ପରିସରରେ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି। ନାଲ୍କୋ ସୁରକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେମିଳିଗୁଡ଼ା ଅଗ୍ନିଶମ ବିଭାଗ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ନାଲ୍କୋ ମେଡିକାଲର ଡାକ୍ତର, ବଏଲର ଏବଂ ସେଫ୍ଟି ବିଭାଗର ଡାଇରେକ୍ଟରଙ୍କ ସମେତ ନାଲ୍କୋର ମହାପ୍ରବନ୍ଧକ ଭୀମସେନ ପ୍ରଧାନ, ରାମଚନ୍ଦ୍ର ତ୍ରିପାଠୀ, ନେତ୍ରାନନ୍ଦ ମହାରଣା, ସିଏଚ୍ ପ୍ରମୋଦ କୁମାର ପାତ୍ର, ଡିଜିଏମ୍ ଅଶୋକ କୁମାର ମିଶ୍ର, ଏଜିଏମ୍ ଶଶାଙ୍କଶେଖର ସାହୁ, ଅମରେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ରହି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ କିପରି ମୁକାବିଲା କରାଯିବ ସେ ନେଇ ସ୍କୁଲ ଛାତ୍ରଛାତ୍ରୀଙ୍କୁ ସଚେତନତା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପି.କେ. ଦାଶ, ଡ.ପ୍ରଦୀପ କୁମାର ପାଟଯୋଶୀ, ନରେଶ କୁମାର ପରିଚାଳନା କରିଥିଲେ ।

### ଅଷ୍ଟପ୍ରହର ନାମଯଜ୍ଞ

ଦଶମନ୍ତପୁର,୪।୧୧( ଡ଼ି.ଏନ.ଏ ): ଦଶମନ୍ତପୁର ବ୍ଲକ ସଦରମହକୁମାସ୍ଥିତ ତ୍ରିବେଣୀ ନଦୀତୁଠରେ ଥିବା ଜଳେଶ୍ୱର ଶୈବପୀଠରେ ସୋମବାର ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ନାମଯଜ୍ଞରେ ୨୫ଟି ସଂକୀର୍ତ୍ତନମଣ୍ଡଳୀ ଯୋଗ ଦେଇଥିବା ସେବା ଦଳର ଶତ୍ରୁଘନ ଡ଼ାକୁଆ ପ୍ରକାଶ କରିଛନ୍ତି । ଭକ୍ତ ଯେପରି ସୁରକ୍ଷିତ ଭବେ ଦର୍ଶନ କରିପାରିବେ ସେଥିପ୍ରତି ବ୍ଲକ ଉପାଧକ୍ଷ ନାରାୟଣ ବିଶୋଇ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ।

### ନାଲ୍କୋ କମ୍ୟୁନିଟି ସେଣ୍ଟର ନୂତନ କର୍ମକର୍ତ୍ତା

ଦାମନଯୋଡି,୪।୧୧(ଡି.ଏନ୍.ଏ.): କୋରାପୁଟ ଜିଲା ନାଲ୍କୋ ଶିଳ୍ପାଞ୍ଚଳସ୍ଥିତ କମ୍ୟୁନିଟି ସେଣ୍ଟରର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନର ରିଟର୍ନିଂ ଅଫିସର ଅଚ୍ୟୁତାନନ୍ଦ ପ୍ରଧାନଙ୍କ ସହ ଗାନ୍ଧୀ ସାହୁ, ତୈଲୋକ୍ୟନାଥ ସାହୁ, ପି.କେ. ପ୍ରିୟବ୍ରତ ସ୍ୱାଇଁ, ବିଷ୍ଣୁ ବାସରୀ, ଆରଏନ୍ ସୁବୁଦ୍ଧି, ପି.କେ. ମିଶ୍ର, ଦେବୀପ୍ରସାଦ ଚୌଧୁରୀ ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ପାଇଁ ହୋଇଥିବା ନିର୍ବାଚନରେ ମୋଟ ୭୪୫ ଜଣ ଭୋଟ ଦେଇଥିବା ବେଳେ ସୁକଦେବ ପଟ୍ଟନାୟକ ୩୭୩ ଭୋଟ ପାଇଁ ବିଜୟୀ ହୋଇଛନ୍ତି । ପୂର୍ବରୁ ଅପ୍ରତିଦ୍ୱନ୍ଦୀ ଭାବେ ଉପସଭାପତି ପୁରୁଷୋତ୍ତମ ଲହରୀ, ସାଂସ୍କୃତିକ ସମ୍ପାଦକ ଗୌତମ ବିଷୋୟୀ, ଆଉଟ୍‌ଡୋର ଖେଳ ସମ୍ପାଦକ ଦୁର୍ଗାପ୍ରସାଦ ନାୟକ, ଲାଇବ୍ରେରୀ ସମ୍ପାଦକ ସଞ୍ଜୟ କୁମାର ସାହୁ, ଇନ୍‌ଡୋର ସମ୍ପାଦକ ଭାବେ ଶ୍ୟାମସୁନ୍ଦର ଖରା ପ୍ରମୁଖ ମନୋନିତ ହୋଇଥିଲେ ।

### ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ମୃତ

ନନ୍ଦପୁର,୪।୧୧(ଡି.ଏନ.ଏ): ନନ୍ଦପୁର ଥାନା ଅଧୀନ ବଟାବୀର ଛକ ନିକଟରେ ସୋମବାର ଏକ ପିକ୍‌ଅପ ଭ୍ୟାନ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି । ସେ ହେଲେ ଖୁରଜି ପଞ୍ଚାୟତ ଯୋଗୀପୁଟ ଗ୍ରାମର ସାଧୁ କିରସାନି (୫୫) । ଦୁର୍ଘଟଣା ପରେ ଡ୍ରାଇଭର ଗାଡି ସହ ନନ୍ଦପୁର ଥାନାରେ ଆତ୍ମ ସମର୍ପଣ କରିଥିଲେ । ସାଧୁ ରାସ୍ତା ଅତିକ୍ରମ କରୁଥିବା ବେଳେ ନନ୍ଦପୁର ଅଭିମୁଖେ ଆସୁଥିବା ପିକ୍‌ଅପ (ନଂ ଓଡ଼ି୧୦ ଏଲ୮୧୨୭) ତାଙ୍କୁ ଧକ୍କା ଦେଇଥିଲା ।

## ବ୍ଲକସ୍ତରୀୟ ପରବ
# ଆଦିବାସୀ ନୃତ୍ୟରେ ଦୁଲୁକିଲା ବୈପାରୀଗୁଡ଼ା

ବୈପାରୀଗୁଡା,୪।୧୧(ଡି.ଏନ୍.ଏ)

ବୈପାରୀଗୁଡା ବ୍ଲକସ୍ତରୀୟ ପରବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ବୟନ ଶିଳ୍ପମନ୍ତ୍ରୀ ପଦ୍ମିନି ଦିଆନ ମୁଖ୍ୟଅତିଥି, କୋରାପୁଟ ବିଧାୟକ ରଘୁରାମ ପଡାଲ, ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ,ଜିଲାପରିଷଦ ସଦସ୍ୟା ହିରାମଣୀ ପୂଜାରୀ,ବ୍ଲକ ଅଧ୍ୟକ୍ଷା ସରୋଜିନି କାଣ୍ଡିକି ,ବ୍ଲକ ଉପାଧ୍ୟକ୍ଷ ତ୍ରିଲୋଚନ ଜେନା , ସ୍ଥାନୀୟ ସରପଞ୍ଚ ଭାଗିରଥି ମୁର୍ଜିଆ ,ବରିଷ୍ଠ ନେତା ସାଥିରାମ ନାୟକ ଏବଂ ଆଇନଜୀବୀ ପି.ରମେଶ ପାତ୍ର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଜନୀକାନ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଏକ ମଶାଲ ଶୋଭାଯାତ୍ରା ସ୍ଥାନୀୟ ବିରଖମ୍ଭ ପୋଲଠାରୁ ବାହାରି ପରବସ୍ଥଳରେ ପହଞ୍ଚିଥିଲା । ମଶାଲରେ ସହ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ମୁଣ୍ଡରେ କଳସ ଧରି ସାମିଲ ହୋଇଥିଲେ । ଏଥିସହ ପାରମ୍ପରିକ ଆଦିବାସୀ ଦୁରୁଆ ସମ୍ପ୍ରଦାୟର ନୃତ୍ୟ ,ପରଜା ସମ୍ପ୍ରଦାୟ ଆଦିବାସୀ ତରୁଣୀମାନଙ୍କ ନୃତ୍ୟ ଏବଂ ଡେମସା ନୃତ୍ୟରେ ବୈପାରୀଗୁଡା ଦୁଲୁକିଥିଲା । ୨ ଦିନିଆ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତର ଆଦିବାସୀ ଲୋକଙ୍କ କଳା ସଂସ୍କୃତିର ଝଲକ ଦେଖିବାକୁ ମିଳିବ ।


ମହିଳାମାନେ କଳସ ଧରି ଶୋଭାଯାତ୍ରାରେ ଯାଉଛନ୍ତି ।

# ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ନନ୍ଦପୁର,୪।୧୧ (ଡି.ଏନ.ଏ)

କୋରାପୁଟ ଜିଲା ନନ୍ଦପୁର ଥାନା ଅଧୀନ ସାତସିମିଳି ଗ୍ରାମ ନିକଟରେ ସୋମବାର ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଯାଇଛି । ମୃତକ ଜଣକ ହେଲେ କସନ୍ଦୀ ପଞ୍ଚାୟତର ଡାରଙ୍ଗବା ଗ୍ରାମର ମସୁରୁ ଖରା ।

ମସୁରୁ ନିଜ ବାଇକ୍( ଓଡ଼ି୧୦ଏମ ୪୧୭୩)ରେ ନିଜ ଗ୍ରାମ ଅଭିମୁଖେ ଯାଉଥିଲେ । ସାତସିମିଳି ଗ୍ରାମ ନିକଟ କଲଭର୍ଟ ଉପରେ ବିପରୀତ ଦିଗରୁ ଆସୁଥିବା ପାଡୁଆ ଥାନା ଅଧୀନ ଦୋରା ସୁବଲାର ଗ୍ରାମର ବିଘ୍ନେଶ୍ୱର କର୍ତ୍ତୁଲଙ୍କ ବାଇକ୍(ଏପି ୩୧ଏଏସ ୯୪୩୮) ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ମସୁରୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଗୁରୁତର ହୋଇଥିବା ବିଘ୍ନେଶ୍ୱରଙ୍କୁ ପ୍ରଥମେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା । ଖବରପାଇ ନନ୍ଦପୁର ଥାନା ଏସଆଇ ଆର.ଭୋତ୍ରା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୋଲିସ ଉଭୟ ଗାଡ଼ିକୁ ଜବତ କରିଛି ।

## ଜିପିଟିଏଙ୍କ ବଦଳିକୁ ବିରୋଧ
# ପ୍ରଶାସନର ଦ୍ୱାରସ୍ଥ ହେଲେ ସରପଞ୍ଚ,ସମିତିସଭ୍ୟ


ଅଭିଯୋଗ କରିବାକୁ ଆସିଥିବା ସରପଞ୍ଚ,ୱାର୍ଡ଼ସଭ୍ୟ ଓ ଅନ୍ୟମାନେ ।

ନନ୍ଦପୁର,୪।୧୧(ଡି.ଏନ.ଏ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଥିବା ଗ୍ରାମ ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମ ପଞ୍ଚାୟତ ବୈଷୟିକ ସହାୟିକା(ଜିପିଟିଏ)ଙ୍କ ବଦଳିକୁ ବିରୋଧ କରି ସରପଞ୍ଚ,ସମିତିସଭ୍ୟଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ ଏବଂ ଜନସାଧାରଣ ସୋମବାର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ବିଡିଓ ଅନୁପସ୍ଥିତ ଥିବାରୁ ତାଙ୍କ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଶିବ ପ୍ରସାଦ ପାଢ଼ୀଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଥିଲେ । ବିଡ଼ିଓଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ସହକାରୀ ଯନ୍ତ୍ରୀ କହିଛନ୍ତି କହିଛନ୍ତି। ୮ ମାସ ପୂର୍ବେ ସମ୍ପୃକ୍ତ ଜିପିଟିଏଙ୍କୁ ଥୁବା ପଞ୍ଚାୟତରେ ନିଯୁକ୍ତି ଦିଆଯାଇଥିଲା ସେ ସୁଚାରୁ ରୂପେ ନିଜ କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ । ବିନା କାରଣରେ ହଠାତ୍ ତାଙ୍କୁ ବଦଳି କରି ଦିଆଗଲା । ଏପରି ବଦଳି ଯୋଗୁଁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଜନ ସାଧରଣ ସମସ୍ୟାର ସମ୍ମୁଖୀନ ହେବେ । ଏଣୁ ଜିପିଟିଏଙ୍କ ବଦଳିକୁ ବାତିଲ କରାଯାଉ । ଯଦି ଆସନ୍ତା ୮ ତାରିଖ ମଧ୍ୟରେ ଏହା ବାତିଲ କରା ନ ଯାଏ ତାହା ହେଲେ ସମସ୍ତ ଲୋକ ପ୍ରତିନିଧି ଏବଂ ଜନ ସାଧାରଣ ମିଳିତ ଭାବରେ ଥୁବା ପଞ୍ଚାୟତ କାର୍ଯ୍ୟାଳୟରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି । ଏଥିସହ ପଞ୍ଚାୟତର ସମସ୍ତ କାର୍ଯ୍ୟକ୍ରମରେ ଅସହଯୋଗ କରିବେ ବୋଲି ସମିତି ସଭ୍ୟ ଅର୍ଜ୍ଜୁନ କିରସାନି , ନାଏବ ସରପଞ୍ଚ ଗଙ୍ଗାଧର ଗୋଲରି ,ୱାର୍ଡ ସଭ୍ୟା ସାବିତ୍ରୀ କିରସାନି ,ଶଶି ହନ୍ତାଳ ,ଦୋସୁଧା ମାଝି ,ଲକ୍ଷ୍ମୀ ଜହଁରା , ଘାସୁ ହନ୍ତାଳ ,ବିମଳା ଖଡା, କୌଶଲ୍ୟା ଝିଂବର ପ୍ରମୁଖ ପ୍ରକାଶ କରିଛନ୍ତି ।

## ୧୦୩ ଅଭିଯୋଗର ଶୁଣାଣି

କୋରାପୁଟ,୪।୧୧(ସ୍ୱ.ପ୍ର)

ସ୍ଥାନୀୟ ଡିଆଡିଏ ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୦୩ ଟି ଅଭିଯୋଗର ଶୁଣାଣି ହୋଇଥିଲା । ଏଥିମଧ୍ୟରେ ୮୪ ଟି ବ୍ୟକ୍ତିଗତ ଓ ୧୯ ଟି ସାମୂହିକ ଥିଲା । କୋରାପୁଟ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁର, ପିଡି ଡିଆରଡିଏ ପ୍ରବୀର କୁମାର ନାୟକ,ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦଧିବାମନ ତ୍ରିପାଠୀ, ଏପିଡି ମହେଶ୍ୱର ନାୟକ, ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଭବାନି ଶଙ୍କର କାଲୋ ,ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀଙ୍କ ସମେତ ଜିଲାର ସମସ୍ତ ଲାଇନ ଡିପାଟମେଣ୍ଟର ଅଧିକାରୀ , ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ୧୪ ଟି ବ୍ଲକ ଓ ୪ ପୌରାଞ୍ଚଳରୁ ଶତାଧିକ ଲୋକ, ଏସଏଚଜି ମହିଳା ଗୋଷ୍ଠୀ, ଗ୍ରାମବାସୀ ଉପସ୍ଥିତ ରହି ପାନୀୟ ଜଳ , ବିଦ୍ୟୁତ, ରାସ୍ତା, ସ୍ୱାସ୍ଥ୍ୟ ସମସ୍ୟା ସହ ନିଜସ୍ୱ ସମସ୍ୟା ଉପରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ।

# ବିଭିନ୍ନ ଦାବିନେଇ ଅଙ୍ଗନୱାଡି କର୍ମୀଙ୍କ ଶୋଭାଯାତ୍ରା

କୋରାପୁଟ,୪।୧୧(ସ୍ୱ.ପ୍ର)

ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ଅପରାହ୍ନରେ କୋରାପୁଟରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବସଷ୍ଟାଣ୍ଡ ନିକଟସ୍ଥ ଶିବ ମନ୍ଦିରଠାରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ରକୁ ଜିଲା ପ୍ରଶାସନ ଜରିଆରେ ପ୍ରଦାନ କରାଯାଇଛି। ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ଭାବେ ଘୋଷଣା କରିବା , ମାସିକ ୧୮ ହଜାର ଟଙ୍କା ଓ ସହାୟିକାଙ୍କୁ ୯ ହଜାର ଟଙ୍କା ପ୍ରଦାନ କରିବା, ମିନି ଅଙ୍ଗନୱାଡି କେନ୍ଦ୍ରକୁ ମୁଖ୍ୟ ଅଙ୍ଗନୱାଡି କେନ୍ଦ୍ର କରିବା, ପେନସନ, ଗ୍ରାଜ୍ୟୁଟି ଓ ଚିକିତ୍ସା ସୁବିଧା ଦିଆଯିବା , ଅନ୍‌ଲାଇନ ରିପୋର୍ଟ ପ୍ରଦାନ ଖର୍ଚ୍ଚ ପ୍ରଦାନ କରିବା, ବରିଷ୍ଠତା ଆଧାରରେ ପଦୋନ୍ନତି , ୧୪ ବର୍ଷରୁ ଉର୍ଦ୍ଧ୍ୱ ସେବା ପ୍ରଦାନ କରିଥିବା କର୍ମୀଙ୍କୁ ଅତିରିକ୍ତ ଭତ୍ତା ପଦାନ ଆଦି ଦାବି କରିଛନ୍ତି । କୋରାପୁଟ ଜିଲା ଶାଖାର ସଭାପତି ସଂଯୁକ୍ତା ସାହୁ ଓ ସଂପାଦକ ଲକ୍ଷ୍ମୀଙ୍କ ନେତୃତ୍ୱରେ ଜିଲାର ଶହ ଶହ ଅଙ୍ଗନୱାଡି କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।



ଅଙ୍ଗନୱାଡି କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

# କୋରାପୁଟରେ ଜିଲା ନୋଡାଲ ସଚିବ
## କଫିଚାଷର କଲେ ଅନୁଧ୍ୟାନ

କୋରାପୁଟ,୪।୧୧(ସ୍ୱ.ପ୍ର)

୫-ଟି କାର୍ଯ୍ୟକ୍ରମର କୋରାପୁଟ ଜିଲା ନୋଡାଲ ସଚିବ ତଥା କୃଷି ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ସୋମବାର କୋରାପୁଟ ଗସ୍ତ କରିଛନ୍ତି । କୋରାପୁଟ ଜିଲାରେ ଥିବା କଫି ଓ ଛାୟା ବୃକ୍ଷ ଅଞ୍ଚଳ ସମେତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ । ସେ କୋରାପୁଟ ଉପକଣ୍ଠରେ ଥିବା କଫି ବୋର୍ଡ ଯାଇ ସେଠାରେ କରାଯାଇଥିବା କଫି ଚାଷର ଅନୁଧ୍ୟାନ କରିଥିଲେ। ଏଥିସହ ଦଶମନ୍ତପୁର ମୁଜାଙ୍ଗର ପୁଜିଂସିଲ ଯାଇ ସେଠାରେ ୨୦ ହେକ୍ଟର ଜମିରେ କରାଯାଇଥିବା କଫି ଚାଷ ବୁଲି ଦେଖିବା ସହିତ ୬୦ ହଜାର ଛାୟା ବୃକ୍ଷ ଓ ୨୦ ହଜାର କଫି ନର୍ସରୀ ବୁଲି ଦେଖିଥିଲେ । ପରେ ପୋଡାଗଡଠାରେ ହୋଇଥିବା ଆମ୍ବ ଗଛ ଅଞ୍ଚଳ ପରିଦର୍ଶନ କରିଥିଲେ । ସେହିପରି ବୋରିଗୁମ୍ମାର କାମରା ଗ୍ରାମ ପରିଦର୍ଶନ କରିବା ସହିତ ଆମ୍ବାଗୁଡାଠାରେ ଥିବା ଶିତଳଭଣ୍ଡାର ବୁଲି ଦେଖିଥିଲେ । କଫିଚାରା ଓ ଛାୟା ବୃକ୍ଷ ନିମନ୍ତେ କରାଯାଇଥିବା ନର୍ସରୀକୁ ଅନୁଧ୍ୟାନ କରିଥିଲେ । ସେହିପରି କୋରାପୁଟର ଚନ୍ଦନ ପୋଖରୀ ପାର୍କ ଠାରେ ଥିବା କଫି ପ୍ରକ୍ରିୟାକରଣ କେନ୍ଦ୍ରକୁ ଯାଇ ଉନ୍ନତ ମାନର କଫି ପ୍ରସ୍ତୁତ କିପରି କରାଯାଉଛି ସେନେଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନ ବେଳେ ସଚିବଙ୍କ ସହ ଜିଲା ଜଳିବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଭବାନି ଶଙ୍କର କାଲୋ, ସହକାରୀ କଫି ଉପନିର୍ଦ୍ଦେଶକ ଡଃ ଦୟାନିଧି ବାଗ, କୋରାପୁଟ ପିଏଆଇଟିଡିଏ କାରୁ ସୋରେନ, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନଙ୍କ ସମେତ ବିଭାଗୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।


ଜିଲା ନୋଡାଲ ସଚିବ କଫିଚାଷ ହେବାକୁ ଥିବା ସ୍ଥାନକୁ ଯାଇ ଅନୁଧ୍ୟାନ କରୁଛନ୍ତି ।

## ଜିଲା ଚିକିତ୍ସାଳୟରେ ରୋଗୀଙ୍କ ସମସ୍ୟା ବୁଝିଲେ

ଜୟପୁର, ୪।୧୧ (ଡି.ଏନ.ଏ/ନି.ପ୍ର)

ରାଜ୍ୟରେ ୫-ଟି କାର୍ଯ୍ୟକ୍ରମର କୋରାପୁଟ ଜିଲା ନୋଡାଲ ସଚିବ ତଥା କୃଷି ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ସୋମବାର କୋରାପୁଟ ଜିଲା ଗସ୍ତରେ ଆସିଛନ୍ତି । ସେ ପ୍ରଥମେ ଜୟପୁର ବିମାନଘାଟିରେ ବିମାନ ଯୋଗେ ପହଞ୍ଚିବା ପରେ ସୌରାଗୁଡାସ୍ଥିତ ଅଙ୍ଗନୱାଡି କେନ୍ଦ୍ରର ପରିଦର୍ଶନ କରିବା ସହିତ ସେଠାରେ ମମତା ଯୋଜନା ନେଇ ଆଲୋଚନା କରିଥିଲେ । ସେଠାରୁ ଜିଲା ଚିକିତ୍ସାଳୟକୁ ଯାଇ ବିଭିନ୍ନ ବିଷୟ ନେଇ ଚିକିତ୍ସାଳୟ କର୍ତ୍ତୃପକ୍ଷ , ରୋଗୀ ଏବଂ ଅଭିଭାବକଙ୍କ ସହିତ ଆଲୋଚନା କରି ସମସ୍ୟା ବୁଝିଥିଲେ । ଏହି ସମୟରେ ରୋଗୀ କଲ୍ୟାଣ ସମିତି ଅଧୀନରେ ଥିବା ୨୧ ଜଣ ସୁଇପର ଓ ସିକ୍ୟୁରିଟି ଦାୟିତ୍ୱରେ ଥିବା ୧୯ ଜଣ କିନ୍ନର ସଚିବଙ୍କୁ ଭେଟି ଦୁଃଖ ଜଣାଇଥିଲେ । ସେମାନଙ୍କୁ ଛଟେଇ କରାଯାଇଥିବା ବିଷୟ କହି କାନ୍ଦି ପକାଇଥିଲେ । ସେମାନଙ୍କୁ ୨ ମାସର ଦରମା ଦେଇଥିବା ବେଳେ ଇପିଏଫ କଟାଯାଉଛି । କିନ୍ତୁ ରସିଦ ଦିଆଯାଉ ନାହିଁ। ତେଣୁ ବିଭାଗ ତୁରନ୍ତ ସମାଧାନ ନ କଲେ ଚିକିତ୍ସାଳୟ ସମ୍ମୁଖରେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଥିଲେ । ସଚିବ ଏହା ଶୁଣି ଲିଖିତ ଭାବେ ଜିଲା ଚିକିତ୍ସାଧିକାରୀଙ୍କୁ ଜଣାଅ ବୋଲି ପରାମର୍ଶ ଦେଇଥିଲେ । ଏଠାରୁ ଆମ୍ବାଗୁଡା ସ୍ଥିତ ଦୁଇଟି ଘରୋଇ ଶୀତଳ ଭଣ୍ଡାର ବୁଲି ଦେଖିଥିଲେ । ସେହିପରି ଜୟନ୍ତିଗିରି ଗ୍ରାମ ନିକଟରେ ରହିଥିବା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଏହାପରେ ବୋରିଗୁମ୍ମା ବ୍ଲକରେ ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ । ସେହିପରି ସଚିବ ମଧ୍ୟାହ୍ନ ଭୋଜନ ଜୟପୁର ଟାଉନହଲ ସ୍ଥିତ ଆହାର କେନ୍ଦ୍ରରେ କରିବାର ଥିଲ । କିନ୍ତୁ ବିଳମ୍ବ ଯୋଗୁଁ ସଚିବ ଗର୍ଗ ଏଠାରେ ପହଞ୍ଚି ନ ଥିଲେ । ଏହି ସମୟରେ ଜିଲାପାଳ ମଧୁସୂଦନ ମିଶ୍ର, ଉପଜିଲାପାଳ ଲୋକନାଥ ଦଳ ବେହେରା,ପିଏ ଆଟିଡିଏ ଗୋପୀନାଥ ସାରକା. ପୌରଯନ୍ତ୍ରୀ ପ୍ରଭାକର ଦାଶ , କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ନବରଙ୍ଗପୁର ଥାନା ଅଧିକାରୀଙ୍କ ମାନବିକତା ଦୁର୍ଘଟଣାରେ ଗୁରୁତରଙ୍କୁ ନେଲେ ଡାକ୍ତରଖାନା

**ନବରଙ୍ଗପୁର,୪।୧୦(ବି.ପ୍ର.)-** ନବରଙ୍ଗପୁର ୨୬ ନମ୍ବର ଜାତୀୟ ରାଜପଥ ତଥା ଏଫସିଆଇ ଗୋଦାମ ନିକଟରେ ଦୁର୍ଘଟଣାଗ୍ରସ୍ତରେ ସୋମବାର ଗୁରୁତର ହୋଇ ପଡିରହିଥିବା ଲକ୍ଷ୍ମୀ ନୃସିଂହ ପାତ୍ରଙ୍କୁ ନବରଙ୍ଗପୁର ଥାନା ଅଧିକାରୀ ତାରିକ ଅହମ୍ମଦ ଡାକ୍ତରଖାନା ନେଇ ଚିକିତ୍ସା କରାଇଛନ୍ତି । ଲକ୍ଷ୍ମୀନୃସିଂହ ମୋଟର ସାଇକେଲରେ ନ୍ୟୁ କଲୋନୀକୁ ଯାଉଥିଲେ । ଦୁର୍ଘଟଣାରେ ଲକ୍ଷ୍ମୀ ନୃସିଂହଙ୍କ ବାମ ଗୋଡ ଆଣ୍ଠୁ ଭାଙ୍ଗି ଯାଇଥିଲା । ସେ ଗୁରୁତର ଅବସ୍ଥାରେ ରାସ୍ତାରେ ପଡିଥିଲେ। ଥାନା ଅଧିକାରୀ ଏହି ସମୟରେ ଯାଉଥିବା ବେଳେ ଏହା ଦେଖି ତୁରନ୍ତ କନଷ୍ଟେବଲ ଅନିଲ ପୃଷ୍ଟିଙ୍କୁ ଗାଡି ଅଟକାଇବା ପାଇଁ କହିଥିଲେ । ଥାନା ଅଧିକାରୀ ତୁରନ୍ତ ଗୁରୁତର ଲକ୍ଷ୍ମୀ ନୃସିଂହଙ୍କୁ ଉଠାଇ ନିଜ ଗାଡିରେ ଜିଲା ସଦର ମହକୁମା ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ। ଥାନା ଅଧିକାରୀଙ୍କ ମାନବିକତାକୁ ସାଧାରଣରେ ପ୍ରଂଶସା କରାଯାଇଛି।

### ୨୩ ୱାର୍ଡରେ ୱାର୍ଡସଭ୍ୟ ଉପନିର୍ବାଚନ ୯ ୱାର୍ଡରେ ଜଣେ ଲେଖାଏଁ ପ୍ରାର୍ଥୀ

**ତେନ୍ତୁଳିଖୁଣ୍ଟି,୪।୧୧(ଡି.ଏନ.ଏ)** ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ଦିଗି, ଗୌଡଦେଓପାଲି, ମଝାଗାଁ, କୁକୁଡାବାଇ, ପାତ୍ରପୁଟ, ଅଁଳାଭଟ୍ଟା, ଝରିଗୁମ୍ମା, ଅଞ୍ଚଳଗୁମ୍ମା ଓ କାମତା ପଞ୍ଚାୟତର କିଛି ୱାର୍ଡରେ ୱାର୍ଡସଭ୍ୟ ପାଇଁ ଉପନିର୍ବାଚନ ହେବ। ଏଥିପାଇଁ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସୋମବାର ପ୍ରାର୍ଥୀପତ୍ର ଯାଞ୍ଚ କରାଯାଇଥିଲା। ତେବେ ୯ ଟି ୱାର୍ଡରେ ଜଣେ ଲେଖାଏଁ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଦିଗି ପଞ୍ଚାୟତର ଗୋଟିଏ ୱାର୍ଡରେ ଆସନ ଖାଲିଥିବା ବେଳେ ୪ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଗୌଡ ଦେଓପାଲିରେ ୩ଟି ୱାର୍ଡରେ ଉପନିର୍ବାଚନ ହେଉଥିବା ବେଳେ ପ୍ରତ୍ୟେକ ୱାର୍ଡରେ ଜଣେ ଲେଖାଏଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମଝାଗାଁରେ ୨ ୱାର୍ଡରେ ଅପ୍ରତିଦ୍ୱନ୍ଦ୍ୱୀ ହୋଇଥିବା ବେଳେ ଗୋଟିଏରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। କୁକୁଡାବାଇରେ ୨ଟିରେ ଅପ୍ରତିଦ୍ୱନ୍ଦ୍ୱୀ ହୋଇଥିବା ବେଳେ ଗୋଟିଏ ପ୍ରତିଦ୍ୱନ୍ଦିତା ହେଉଛି। ପାତ୍ରପୁଟରେ ଗୋଟିଏ ଆସନରେ ଜଣେ ହିଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଅଁଳଭଟ୍ଟାରେ ଗୋଟିଏ ଆସନରେ ପ୍ରତିଦ୍ୱନ୍ଦିତା ନ ହୋଇ ନିର୍ବାଚନ ହେଉଥିବା ବେଳେ ଗୋଟିଏ ଆସନରେ ପ୍ରତିଦ୍ୱନ୍ଦ୍ୱିତା ହେଉିଛି। ଝରିଗୁମ୍ମା ଓ ଅଞ୍ଚଳଗୁମ୍ମାର ୨ଟି ୱାର୍ଡରେ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ବେଳେ କାମତାରେ ୪ଟି ଯାକ ୱାର୍ଡରେ ପ୍ରତିଦ୍ୱନ୍ଦିତା ହେଉଥିବା ଜଣାପଡିଛି। ନଭେମ୍ବର ୨୭ରେ ଭୋଟ ଗ୍ରହଣ ହେବ।

■ ଜିଲା ନୋଡାଲ ଅଧିକାରୀଙ୍କ ଦୁଇ ଦିନିଆ ଗସ୍ତ

# ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ କଲେ ଅନୁଧ୍ୟାନ

**ନବରଙ୍ଗପୁର,୪।୧୧(ବି.ପ୍ର.)**



ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ରୋଗୀଙ୍କୁ ଜିଲା ନୋଡାଲ ଅଧିକାରୀ ସ୍ୱାସ୍ଥ୍ୟସେବା ପଚାରି ବୁଝୁଛନ୍ତି।

■ ମଧ୍ୟାହ୍ନଭୋଜନ ଗୁଣବତ୍ତା ଯାଞ୍ଚ କଲେ
■ ରୋଗୀଙ୍କ ଠାରୁ ପଚାରି ବୁଝିଲେ ସ୍ୱାସ୍ଥ୍ୟସେବା
■ ଚାଷୀ, ଏସଏଚଜି ସଦସ୍ୟାଙ୍କ ସହ କଲେ ଆଲୋଚନା

ନବରଙ୍ଗପୁର ଜିଲାର ନୋଡାଲ ଅଧିକାରୀ ତଥା ରାଜ୍ୟ ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଚିବ ହେମନ୍ତ ଶର୍ମା ନବରଙ୍ଗପୁର ଦୁଇଦିନିଆ ଗସ୍ତରେ ଆସିଛନ୍ତି । ନବରଙ୍ଗପୁର ସର୍କିଟ ହାଉସ ଠାରେ ସୋମବାର ପହଞ୍ଚିବା ପରେ ସଦର ବ୍ଲକ ତାରାଗାଁ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ । ପରେ ତାରାଗାଁଠରେ ବୈଜ୍ଞାନିକ କୌଶଳରେ ମାଛ ଜାଆଁଳ ପୋଖରୀ ଦେଖିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ । ଏହା ପରେ ସେ ଡାବୁଗାଁ ବ୍ଲକର ଝରିଗୁଡା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ପୁଷ୍ଟିକର ଖାଦ୍ୟ, ମମତା ଯୋଜନା, ରନ୍ଧାଖାଦ୍ୟ, ଗର୍ଭବତୀଙ୍କୁ ଯୋଗାଇ ଦିଆଯାଉଥିବା ଖାଦ୍ୟ ପ୍ରମୁଖ ଉପରେ ଅନୁଧ୍ୟାନ କରିଥିଲେ । ଅପରାହ୍ନରେ ସେ ଉମରକୋଟର କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ସେଠାରେ ସେ ଛାତ୍ରୀଛାତ୍ରଙ୍କୁ ଭେଟି ପାଠପଢା ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଖାଇବା ସହ ଖାଦ୍ୟର ଗୁଣମାନ ଯାଞ୍ଚ କରିଥିଲେ। ଏହା ସହ ବ୍ୟବହୃତ ଚାଉଳ, ଡାଲି, ତେଲ କିପରି ଅଛି ତାହାର ତଦାରଖ କରିଥିଲେ । ମଧ୍ୟାହ୍ନଭୋଜନର ଗୁଣବତ୍ତା ଠିକ ଥିବା ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଉକ୍ତ ବ୍ଲକର ଅନ୍ୱେଷା ହଷ୍ଟେଲର ଛାତ୍ରୀଛାତ୍ରଙ୍କ ପାଠପଢା ଓ ହଷ୍ଟେଲ ସୁବିଧା ନେଇ ଆଲୋଚନା କରିଥିଲେ । ଏହା ପରେ ସେ ଉମରକୋଟ ବ୍ଲକର କୁସୁମଗୁଡା ଗାଁକୁ ଯାଇ ଜୟଶ୍ରୀ ସ୍ୱୟଂ ସହାୟକ ଦଳର ମହିଳାଙ୍କୁ ଭେଟି ମିଶନ ଶକ୍ତିର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଏହା ପରେ ଚିକଲପଦର ଗାଁକୁ ଯାଇଥିଲେ । ସେଠାରେ କାର୍ଯ୍ୟକାରୀ କରାଯାଇଥିବା ବିଜୁ ପକ୍କାଘର ନିର୍ମାଣକୁ ଦେଖି ସନ୍ତୋଷ ପ୍ରକାଶ କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାମାଜିକ ସୁରକ୍ଷା, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା, ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ବିଦ୍ୟୁତକରଣ ସମ୍ପର୍କରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ଆଲୋଚନା କରିଥିଲେ । ପଞ୍ଚାୟତ କାର୍ଯ୍ୟାଳୟଠାରେ ୧୯ଟି ଏସଏଚଜି ସଦସ୍ୟାମାନେ ଯୋଗ ଦେଇ ଆଲୋଚନା କରିଥିଲେ । ଏହି ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା, ନିରାମୟ ଯୋଜନା, ଚାଉଳ, କିରୋସିନ ଯୋଗାଣ ଓ ଭତ୍ତା ସମ୍ପର୍କରେ ଆଦି ପଚାରିଥିଲେ । ମହିଳାମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ ଦୃଷ୍ଟି ଆକର୍ଷଣ କରିଥିଲେ । ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ସେ ବୁର୍ଜା ଓ ମୁର୍ଗୁମା ଗାଁରେ ଓଡିଶା ଉଠା ଜଳସେଚନ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ଡିପ୍ ବୋଲୱେଲ ଦେଖି ଚାଷୀ ମାନଙ୍କ ସହ ଆଲୋଚନା କରିଥିଲେ । ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ରୋଗୀଙ୍କ ସହ ଆଲୋଚନା କରିବା ସହ ନିରାମୟ ଯୋଜନାରେ ମାଗଣ ଔଷଧ, ଖାଦ୍ୟ ବ୍ୟବସ୍ଥା ଓ ଆମ୍ବୁଲାନ୍ସ ସମ୍ପର୍କରେ ପଚାରି ବୁଝିଥିଲେ । ଡାକ୍ତରଖାନାକୁ ଯୋଗାଇ ଦିଆଯାଇଥିବା ଔଷଧ ଗୁଡିକ ଅବଧି ଶେଷ ତାରିଖ ଗୁଡିକ ଦେଖିଥିଲେ । ଏହି ଗସ୍ତ ସମୟରେ ଜିଲାପାଳ ଅଜିତ କୁମାର ମିଶ୍ର, ପିଡି ଡିଆରଡିଏ ରାମାକାନ୍ତ ନାୟକ, ଏପିଡି ରତ୍ନାକର ସାହୁ, ସିଡିଏମଓ ସନ୍ତୋଷ କୁମାର ସ୍ୱାଇଁ, ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର କୁମାର ଗଇପଇ, ଜିଲା ମତ୍ସ୍ୟ ଅଧିକାରୀ କୁଅଁର ମୁର୍ମୁ, ଗ୍ରାମ୍ୟ ଜଳ ଯୋଗାଇ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଜି.ଡି. ତ୍ରିପାଠୀ ସମେତ ସମ୍ପୃକ୍ତ ବ୍ଲକର ବିଡିଓ ଏବଂ ସିଡିପିଓମାନେ ଯୋଗ ଦେଇଥିଲେ । ମଙ୍ଗଳବାର କ୍ଷେତ୍ର ପରିଦର୍ଶନ ପରେ ବିଭିନ୍ନ ବିଭାଗୀୟ ଜିଲା ସ୍ତରୀୟ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡି ସଂଘ ପକ୍ଷରୁ ଦିଆଯାଇଥିବା ଧାରଣା ।

## ଜିଲା ଅଙ୍ଗନୱାଡି ସଂଘ ପକ୍ଷରୁ ଧାରଣା

**ନବରଙ୍ଗପୁର,୪।୧୧(ବି.ପ୍ର)**

ନବରଙ୍ଗପୁର ଜିଲା ଅଙ୍ଗନୱାଡି ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଧାରଣା ଦିଆଯିବା ସହ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା । ଭାରତୀୟ ମଜଦୁର ସଂଘର ଜିଲା ସମ୍ପାଦକ ପରମେଶ୍ୱର ବିଷୋୟୀ, ଅଙ୍ଗନୱାଡି ରାଜ୍ୟ ଉପସଭାନେତ୍ରୀ ସବିତା ନାୟକ, ଜିଲା ସଭାନେତ୍ରୀ ଭାଗ୍ୟବତୀ ଷଡଙ୍ଗୀ, ସମ୍ପାଦିକା ସନ୍ଧ୍ୟାରାଣୀ ବିଶ୍ୱାଳ, କୋଷାଧ୍ୟକ୍ଷା ମମତା ବ୍ରହ୍ମା ପ୍ରମୁଖ ଯୋଗ ଦେଇଥିଲେ। ଅଙ୍ଗନୱାଡି କର୍ମୀଙ୍କୁ ମାସିକ ୧୮ ହଜାର ଟଙ୍କା, ସହାୟିକାଙ୍କୁ ୯ ହଜାର ଟଙ୍କା ପ୍ରଦାନ, ସୁପରଭାଇଜର ପଦବୀରେ ଅଙ୍ଗନୱାଡିଙ୍କୁ ପଦୋନ୍ନତି, ମିନି ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ନିଯୁକ୍ତି, ଗାଁ କଲ୍ୟାଣ ସମିତି କାର୍ଯ୍ୟଗୁଡିକରୁ ଅଙ୍ଗନୱାଡି କର୍ମୀଙ୍କୁ ବାଦ ଦିଆଯାଉ, ଅଙ୍ଗନୱାଡି କର୍ମଚାରୀଙ୍କୁ ଅବସର ସମୟରେ ଗ୍ରାଚ୍ୟୁଇଟି ବାବଦକୁ ୨ ଲକ୍ଷ ଟଙ୍କା ଏବଂ ମାସିକ ତିନି ହଜାରଟଙ୍କା ଅବସରକାଳୀନ ଭତ୍ତା ପ୍ରଦାନ , କାର୍ଯ୍ୟରତ ଅବସ୍ଥାରେ ଦୁର୍ଘଟଣା ଜନିତ ମୃତ୍ୟୁବରଣ କଲେ ୫ ଲକ୍ଷ ଟଙ୍କା ଓ ସାଧାରଣ ମୃତ୍ୟୁବରଣ କଲେ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଉ । ଏଥିସହ ପରିବାରର ଜଣଙ୍କୁ ଚାକିରି ଦିଆଯାଉ ଆଦି ଦାବିପତ୍ରରେ ଦର୍ଶାଯାଇଛି।

## ଭାଜପାର ପଦଯାତ୍ରା

**କୋଷାଗୁମୁଡା, ୪।୧୧(ଡି.ଏନ.ଏ)–**

କୋଷାଗୁମୁଡା ବ୍ଲକର ବଡଆମ୍ବଡା ପଞ୍ଚାୟତ ଭାଜପାର ଗାନ୍ଧୀ ସଂକଳ୍ପ ପଦଯାତ୍ରା କରାଯାଇଥିଲା। ବଡଆମ୍ବଡା ପଞ୍ଚାୟତର ରାଣୀଗୁଡା, ବଡଆମ୍ବଡା, ହଳଦୀଗୁହା, ନୂଆଗୁଡା ଏବଂ ହର୍ଦ୍ଦଳି ଗ୍ରାମରେ ଗାନ୍ଧୀ ସଂକଳ୍ପ ପଦଯାତ୍ରା କରାଯାଇଥିଲା। ଜନସାଧାରଣଙ୍କୁ ପ୍ଲାଷ୍ଟିକ ବର୍ଜନ, ଜଳସଂରକ୍ଷଣ ପାଇଁ ସଚେତନତା କରାଯାଇଥିଲା । ଗଛ ଲଗାଇବା ପାଇଁ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ଗୋବିନ୍ଦ ଜୈନ, ଗୌରୀ ମାଝି, ଜିଲା ଓବିସି ସେଲ ସଭାପତି ମନୋଜ ମହାକୁଡ, ସୀମାଞ୍ଚଳ ବିଶୋୟୀ, ଲଳିତ ନାୟକ, ଇଶ୍ୱର ନାୟକ, ଗୋପି ଭତ୍ରା, ଭୀମ ମାଝି ଉପସ୍ଥିତ ଥିଲେ।

## ପ୍ରାଥମିକ ଶିକ୍ଷକ ସଂଘର ସମାବେଶ

**ଉମରକୋଟ,୪।୧୧(ଡି.ଏନ.ଏ)**

ଉମରକୋଟ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନକ୍ରମେ ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ ଏକ ବିଶାଳ ଶିକ୍ଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ, ଶିକ୍ଷକ ଏବଂ ବିଭିନ୍ନ ଶିକ୍ଷକ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗଦେଇ ପ୍ରାଥମିକ ଶିକ୍ଷକମାନଙ୍କ ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସମ୍ପାଦକ ଦିଲୀପ କୁମାର ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଶିକ୍ଷକନେତା ଅଶୋକ କୁମାର ସାହୁଙ୍କ ସଭାପତିତ୍ୱରେ ଏହି ଶିକ୍ଷକ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏସଟି/ଏସଟି ସେଲ ଅଧ୍ୟକ୍ଷ ସମଧର ମାଝି, ସଭାପତି ଦେବୀପ୍ରସାଦ ପଟ୍ଟନାୟକ, ବିଏଡ ସଂଘର ସର୍ବେଶ୍ୱର ମଲ୍ଲିକ, ଏକ୍ସକ୍ୟାଡର ଶିକ୍ଷକ ସଂଘର ମଙ୍ଗଳା ବେହେରା, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ହେମନ୍ତ କୁମାର ଜେନା (ସଭାପତି), ଇନ୍ଦ୍ରନିଲ କର, ମୋଦି ରମଗଣ୍ଡ, ନରେଶ ଚନ୍ଦ୍ର ପଟ୍ଟନାୟକ, ସୁରେଶ ଚନ୍ଦ୍ର ଆଲଟିଆ, ତ୍ରିନାଥ ଗଣ୍ଡ, ଭକ୍ତୁ ନାୟକ, ମନୋଜ ବେହେରା, ସମୀର ପ୍ରଧାନ, କାହ୍ନୁଚରଣ ମିଶ୍ର, ଉମାଶଙ୍କର ପଟ୍ଟନାୟକ, ଫନିନ୍ଦ୍ର ଗାଇନ, ଫଗୁ ବନଜାରା, ଚଇତି ଗଣ୍ଡ, ଜଲ୍ଲୀରାଣୀ ବେହେରା, ପ୍ରଗତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟସୂଚୀ ପ୍ରକାରେ ୧୦ଟି ବିଷୟ ଉପରେ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଗୋଷ୍ଠୀ ଶିକ୍ଷା ପ୍ରଶାସନର ନୀତିବିହନ କାର୍ଯ୍ୟଧାରାକୁ ବିରୋଧ କରି ରାଜରାସ୍ତାର ଓହ୍ଲାଇବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରିଥିଲେ ।

## ଜିଲାସ୍ତରୀୟ ଆନନ୍ଦୋତ୍ସବ ପାଳିତ

**ଡାବୁଗାଁ,୪।୧୧(ଡି.ଏନ.ଏ.)–** ଡାବୁଗାଁ ବ୍ଲକ ଅଧୀନ କେଲିଆ ଶୈବପୀଠରେ ଡାବୁଗାଁ ସତ୍ୟସାଇ ସେବା ସମିତି ତରଫରୁ ଜିଲାସ୍ତରୀୟ ଆନନ୍ଦସୋବ ରବିବାର ପାଳିତ ହୋଇଯାଇଛି । ଏଥିରେ ଭୋରରୁ ଓଁକାର, ସୁପ୍ରଭାତମ, ନଗର ସଙ୍କୀର୍ତ୍ତନ କରାଯାଇଥିଲା। ପରେ ଜିଲା ସଭାପତି ପି.ଏଲ ମୂର୍ତ୍ତୀଙ୍କ ଦ୍ୱାରା ଜ୍ୟୋତି ଆବାହନ, ଭଜନ କରାଯାଇଥିଲା । ଜିଲା ଶିକ୍ଷା ସଂଯୋଜକା ଭାନୁମତୀ ତୁଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡାବୁଗାଁ ସମିତି ଆବାହକ ଏ. ବାଲରାଜୁ ଉଦଘାଟନୀ ଭାଷଣ ପ୍ରଦାନ କରିବାପରେ ବିଭିନ୍ନ ପ୍ରତିଯୋଗୀତା ଆରମ୍ଭ ହୋଇଥିଲା । ଲିଖିତ କୁଇଜ, ପୋଷ୍ଟର ମେକିଙ୍ଗ, ଏକକ ଅଭିନୟ, ବକ୍ତୃତା, ମେମୋରୀ ଟେଷ୍ଟ, ଝୋଟି, ଲିଖିତ ଜପ, ଦେଶାତ୍ମକ ସଙ୍ଗୀତ ଓ ଭଜନ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପବିତ୍ର କୁମାର ଜେନା, ସୁଦର୍ଶନ ମହାକୁଡ, ଧଳେନ୍ଦ୍ର ଦ୍ୱାରୀ, କୃଷ୍ଣଚନ୍ଦ୍ର ପଣ୍ଡା, ନିତ୍ୟାନନ୍ଦ ମହାନ୍ତି, ରାଇସିଂ ପୂଜାରୀ, ରାଇନୁ ସୁନା, ଅମର ସୁନା, ଜଗଦୀଶ ସୁନା ଏବଂ ନବରଙ୍ଗପୁର ସମିତି ଆବାହକ କୃଷ୍ଣମୂର୍ତ୍ତୀ ଦୋରା, ଉମରକୋଟ ସମିତିର ସ୍ୱାଗତିକା ସାହୁ, ରାଇଘର ଭଜନ ମଣ୍ଡଳୀର ଆବାହକ ଲଳିତ ମୋହନ ନାୟକ, ଝରିଗାଁ ଭଜନ ମଣ୍ଡଳୀର ଆବାହକ ରବି ଜାନୀ ଓ ସମସ୍ତ ସଭ୍ୟାସଭ୍ୟ ମାନେ ଯୋଗ ଦେଇଥିଲେ।

## କାର୍ଯ୍ୟରେ ଯୋଗ ଦେଲେ ଆଇନଜୀବୀ

**ନବରଙ୍ଗପୁର,୪।୧୧(ବି.ପ୍ର)**

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପ୍ରସଙ୍ଗ ନେଇ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳକୁ ସ୍ଥଗିତ ରଖି ନବରଙ୍ଗପୁର ଜିଲାର ଆଇନଜୀବୀମାନେ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। କୋରାପୁଟ ଜିଲା କେନ୍ଦ୍ରୀୟ କମିଟିର ବୈଠକର ନିଷ୍ପତ୍ତି କ୍ରମେ ଆଇନଜୀବୀମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଜାତୀୟ ଆଇନଜୀବୀ ପରିଷଦ ଓ ମୁଖ୍ୟମନ୍ତ୍ରୀଙ୍କ ସହ ହୋଇଥିବା ଆଲୋଚନା ଅନୁଯାୟୀ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ସଭାପତି ନରସିଂହ ନାଥ ତ୍ରିପାଠୀ ଓ ସମ୍ପାଦକ ରାମ ପ୍ରସାଦ ପାତ୍ର ସୂଚନା ଦେଇଛନ୍ତି। କମିଟିର ଆସନ୍ତା ବୈଠକ ନଭେମ୍ବର ୧୭ ତାରିଖରେ ବସି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡିଛି।

■ ରାଜ୍ୟସ୍ତରୀୟ ଥ୍ରୋବଲ ପ୍ରତିଯୋଗିତା

# ୧୮ ଜିଲାର ୪୫୩ ଛାତ୍ରୀଛାତ୍ର ଭାଗନେଲେ



ଉଦଘାଟନୀ ସମାରୋହରେ ଉପସ୍ଥିତ ଅତିଥିମାନେ।

**ନବରଙ୍ଗପୁର,୪।୧୧(ବି.ପ୍ର.)**

ସ୍ଥାନୀୟ ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉନ୍ନିତ ବିଦ୍ୟାଳୟ ଖେଳ ପଡିଆ ଠାରେ ୬୫ ତମ ରାଜ୍ୟ ସ୍ତରୀୟ ଥ୍ରୋବଲ ପ୍ରତିଯୋଗୀତା ଉଦଘାଟିତ ହୋଇଛି । ଜିଲାପାଳ ଅଜିତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଏସପି ନିତିନ କୁସାଲକର, ଓଡିଶା ଫିଜିକାଲ ଏଜୁକେସନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡା, ଜିଲା ଶିକ୍ଷା ଅଧିକାରୀ ଚନ୍ଦ୍ର ଶେଖର ପାଣିଗ୍ରାହୀ, ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ଟି. ମିନତୀ, ନନ୍ଦାହାଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ସମେତ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ରାଜ୍ୟର ୧୮ଟି ଜିଲାର ୪୫୩ ଛାତ୍ରୀଛାତ୍ର ଏହି ପ୍ରତିଯୋଗୀତାରେ ଭାଗ ନେଇଥିଲେ । ୬ଷ୍ଠ, ୭ମ ଓ ୮ମ ଶ୍ରେଣୀ ଜୁନିୟର ଓ ୯ମ ଓ ୧୦ମ ଶ୍ରେଣୀକୁ ସିନିୟର ଗ୍ରୁପ ଭାବେ ବିଭାଜନ କରାଯାଇଛି । ଏହି ପ୍ରତିଯୋଗୀତା ପରିଚାଳନ ପାଇଁ ୩୯ ଜଣ କୋଚ, ସେଣ୍ଟ୍ରାଲ ଅଫିରର ୬ ଜଣ, ଷ୍ଟେଟ ଅଫିସର ୨୦ ଓ ଫିଜିକାଲ ଇନ୍ସପେକ୍ଟର ୯ ଜଣ ନିୟୋଜିତ ହୋଇଛନ୍ତି । ସନ୍ଧ୍ୟାରେ ତେନ୍ତୁଳିଖୁଣ୍ଟି ହାଇସ୍କୁଲ, ନବରଙ୍ଗପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ନବରଙ୍ଗପୁର ଅନ୍ୱେଷା ଛାତ୍ରୀଛାତ୍ରଙ୍କ ଦ୍ୱରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲା ଶିକ୍ଷା ବିଭାଗର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ନାହାକ, ଜିଲା ବିଜ୍ଞାନ ସୁପରଭାଇଜର ଅକ୍ଷୟ ସ୍ୱାଇଁ, କ୍ରୀଡା ପ୍ରଶିକ୍ଷକ ମନରଞ୍ଜନ ପ୍ରହରାଜ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ସହଯୋଗ କରିଥିଲେ । ୫ ତାରିଖରେ ଏହି ପ୍ରତିଯୋଗିତା ଉଦଯାପିତ ହେବ । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ସହ ସମ୍ମାନିତ କରାଯିବ । ଜିଲା ଓ ରାଜ୍ୟ ବିଦ୍ୟାଳୟ ଗଣ ଶିକ୍ଷା ସମୂହ କ୍ରୀଡା ସଙ୍ଗଠନ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ।

# ଦାଦନ ଖଟିବାକୁ ଯାଇ ନାବାଳକ ନିଖୋଜ

## ଫେରିବା ବାଟକୁ ଚାହିଁ ବସିଛନ୍ତି ମା', ବାପା

**ନବରଙ୍ଗପୁର/ଧୋଡ୍ରା,୪।୧୧(ବି.ପ୍ର/ଡି.ଏନ.ଏ)**

ପେଟପାଟଣା ପାଇଁ ଦଲାଲ ହାବୁଡରେ ପଡି ଜଣେ ନାବାଳକ (୧୫) ଦାଦନ ଖଟିବାକୁ ଯାଇଥିଲେ ବାଙ୍ଗାଲୋର । କିନ୍ତୁ ସେଠାରେ ନାବାଳକ ଜଣକ ନିଖୋଜ ହୋଇଯାଇଛନ୍ତି। ନାବାଳକ ଜଣକ ଫେରିବା ବାଟକୁ ଚାହିଁ ବସିଛନ୍ତି ବୃଦ୍ଧ ମା', ବାପା। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକର ରାଜପୁର ଗାଁର କମଲୁ ଭତ୍ରା ଓ ତୁଳସା ଭତ୍ରାଙ୍କ ପୁଅ ଦେବି ସିଂ ଭତ୍ରା। ୪ ମାସ ତଳେ ଦେବି ସିଂ ସହ ଗ୍ରାମର ଡମ୍ବୁର ଭତ୍ରା, ଲଡିନ୍ଦୁ ଭାତ୍ରଙ୍କୁ ଜଣେ ଦଲାର ବାଙ୍ଗାଲୋରର ଧନପୁଞ୍ଜି ଗାଁରେ କେନାଲ କାମରେ ନିୟୋଜିତ କରିବାକୁ ନେଇଥିଲେ। ଦୀର୍ଘ ୩ ମାସ ସେଠାରେ କାମ କରିବା ପରେ ୧୫ ଦିନ ତଳେ ଦେବି ସିଂ ଦାନ୍ତ ଘଷିବାକୁ କେନାଲ ନିକଟକୁ ଯାଇଥିଲେ । ସେହି ଦିନ ଠାରୁ ସେ ନିଖୋଜ ଅଛନ୍ତି। ଦେବୀଙ୍କ ସହ ଯାଇଥିବା ସାଥୀମାନେ ଏ ସମ୍ପର୍କରେ ଗାଁକୁ ଫୋନ ଯୋଗେ ଜଣାଇଥିଲେ। ଏହା ଜାଣିବା ପରେ ଗ୍ରାମବାସୀ ଉକ୍ତ ଶ୍ରମିକ ଦଲାଲଙ୍କୁ ଧରିଥିଲେ। ସେ ଦେବିସିଂଙ୍କୁ ବାଙ୍ଗାଲୋର ଆଣିବାକୁ ଯିବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତ ଦେଇଥିଲେ। ଦେବି ସିଂ ୩ ମାସ ମଧ୍ୟରେ ଟଙ୍କାଟିଏ ମଧ ପଠାଇ ନ ଥିବା ତାଙ୍କ ବାପା, ମା' କହିଛନ୍ତି। ନିଖୋଜ ଦେବୀସିଂଙ୍କୁ ଫେରାଇ ଆଣିବା ପାଇଁ ପ୍ରଶାସନ ଉଦ୍ୟମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥିସହ ଦଲାଲଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ନେଇ ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର ଗାଇପାଇଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ନିକଟରେ ସେଭଳି କୌଣସି ଅଭିଯୋଗ ହୋଇନି। କିନ୍ତୁ ଗ୍ରାମବାସୀ ଅଭିଯୋଗ କରିବା ସଙ୍ଗେ ସଙ୍ଗେ ଜିଲା ଶ୍ରମି ବିଭାଗ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ପୁଅର ଫେରିବା ବାଟକୁ ଚାହିଁ ବସିଥିବା କମଲୁ ଭତ୍ରା ଓ ତୁଳସା ଭତ୍ରା




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ରାୟଗଡ଼ା ଅଫିସ, ୪।୧୧-** ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅଧକ୍ଷତାରେ ସୋମବାର ସ୍ଥାନୀୟ ସଦ୍‌ଭାବନା ଗୃହରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସର୍ବମୋଟ ୧୨୪ ଅଭିଯୋଗ ଶୁଣାଣି ହୋଇଥିଲା। ରେଡ଼କ୍ରସ ପକ୍ଷରୁ ୩ ଜଣଙ୍କୁ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୭ ଜଣଙ୍କୁ ସହାୟତା ଦିଆଯାଇଛି। ଜିଲାପାଳ ସମସ୍ତ ଅଭିଯୋଗ ଶୁଣି ବିଭାଗୀୟ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### କାର୍ଯ୍ୟରେ ଯୋଗଦେଲେ ଗୁଣପୁର ପୌରନିର୍ବାହୀ ଅଧିକାରୀ



**ଗୁଣପୁର, ୪।୧୧(ଡି.ଏନ୍.ଏ.)** ରାୟଗଡ଼ା ଜିଲା ଗୁଣପୁର ପୌରନିର୍ବାହୀ ଅଧିକାରୀଭାବେ ଉମାପ୍ରସାଦ ଦାସ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୌର ପ୍ରଶାସକ ତଥା ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କ ନିର୍ଦ୍ଦେଶ ପରେ ବିଦାୟୀ ନିର୍ବାହୀ ଅଧିକାରୀ ଭାବଗ୍ରାହୀ ସାହୁଙ୍କଠାରୁ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପ୍ରକାଶ ଯେ, ଗତ ୧୪ ତାରିଖରେ ଗଜପତି ଜିଲା କାଶୀନଗର ଅତିରିକ୍ତ ତହସିଲଦାର ଉମାପ୍ରସାଦ ଦାସଙ୍କୁ ରାୟଗଡା ଜିଲା ଗୁଣପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଭାବେ ନଯୁକ୍ତି ମିଳିଥିଲା।

### ୩୮୮ ଅଭିଯୋଗ ଶୁଣିଲେ ଜିଲାପାଳ, ଏସ୍‌ପି

**ପାରଳାଖେମୁଣ୍ଡି,୪।୧୧(ସ୍ୱ.ପ୍ର.) -** ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି। ଗଜପତି ଜିଲାପାଳ ଅନୁପମ ଶାହାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋଟ ୩୮୮ ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ୧୮ଟି ଗ୍ରାମ ସମସ୍ୟା ରହିଥିବାବେଳେ ୩୭୦ଟି ବ୍ୟକ୍ତିଗତ ସମସ୍ୟା ରହିଥିଲା। ସେହିପରି ଶୁଣାଣି ସମୟରେ ୭୯ ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିବା ଜଣାପଡ଼ିଛି। ଅଭିଯୋଗ ଶୁଣାଣୀ ସମୟରେ ଏସ୍‌ପି ସାରା ଶର୍ମା, ଜିଲା ଜରୁରୀକାଳୀନ ଅଧିକାରୀ ସତ୍ୟସମ୍ପର୍ଣ୍ଣା ରାଉତଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ■ କୃଷି ବିଭାଗ ଅତିରିକ୍ତ ସଚିବଙ୍କ ଚନ୍ଦ୍ରପୁର ଗସ୍ତ
# ମାଣ୍ଡିଆ ଚାଷ ଦେଖିଲେ ଅଧିକାରୀ

**ଚନ୍ଦ୍ରପୁର, ୪।୧୧(ଡି.ଏନ୍.ଏ.)**


ଅଧିକାରୀମାନେ ମାଣ୍ଡିଆ ଚାଷ ବୁଲି ଦେଖୁଛନ୍ତି।

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ପଞ୍ଚାୟତ ଅଧୀନ ଡେଙ୍ଗାପଙ୍ଗା ଗାଁକୁ ସୋମବାର ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଅତିରିକ୍ତ ଶାସନ ସଚିବ ଦୁଃଖୀଶ୍ୟାମ ପାଇକ ଗସ୍ତ କରିଛନ୍ତି। ସେ ଅପରାହ୍ନରେ ଡେକାପଙ୍ଗାରେ ପହଞ୍ଚିବା ପରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଗ୍ରାମବାସୀଙ୍କ ସହ ଯୁଗାପଦର ଓ ମାଦିଗୁଡା ଗ୍ରାମବାସୀ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ସେ ଡେକାପଙ୍ଗା ଚାଷୀ କରିଥିବା ମାଣ୍ଡିଆ ଚାଷ ବୁଲି ଦେଖିଥିଲେ। ଓଡ଼ିଶା ମିଲେଟ ମିଶନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଭାତ ଓ କୃଷି ବିଭାଗର ମିଳିତ ଉଦ୍ୟମରେ କରାଯାଇଥିବା ମାଣ୍ଡିଆ ଚାଷକୁ ଦେଖି ପ୍ରଶଂସା କରିଥିଲେ। ଏହାପରେ ଏକ ବୈଠକ କରି ମାଣ୍ଡିଆ ଚାଷ, ମାଣ୍ଡିଆ ଉପକାରିତା ସମ୍ପର୍କରେ ଚାଷୀଙ୍କୁ ବୁଝାଇ ଥିଲେ। ଏଥିସହ ସ୍ଥାନୀୟ ଅଞ୍ଚଳର ପାନୀୟ ଜଳ, ସ୍ୱାସ୍ଥ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗମନାଗମନ, ବିଦ୍ୟୁତ ସେବା, ଶିକ୍ଷା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମଝିଗୁଡା ଗ୍ରାମର ବାସହୀନ ପରିବାରକୁ ଆବାସ ଯୋଜନାରେ ଘର, ପିଇବା ପାଣି, ଡେକାଡଙ୍ଗା ଗ୍ରାମରେ ବିଦ୍ୟୁତ୍ ସେବା ସହ ଗୃହ ଯୋଗାଇବାକୁ ଜିଲାପାଳଙ୍କ ସହ ଆଲୋଚନା କରିବି ବୋଲି କହିଥିଲେ। ଏହି ଗସ୍ତ ବେଳେ ତାଙ୍କ ସହ କୃଷି ଓ କୃଷକ ସଶକ୍ତୀକରଣ ସହକାରୀ ନିର୍ଦ୍ଦେଶକ ଚକ୍ରଧର ମିଶ୍ର, ମିଲେଟ ମିଶନ ସ୍କିମ୍ ଅଧିକାରୀ ବିଦ୍ଧୁଦେନ୍ଦୁ ଦେ, ରାୟଗଡା ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ରଥ, ଜିଲା କୃଷି ଅଧିକାରୀ ରିଲିଜିଏସ୍ ବେକ୍, କପା ବିଶେଷଜ୍ଞ ସୁରିଆ ରାଓ, ସହକାରୀ କୃଷି ଅଧିକାରୀ ରାମଲାଲ ସାମାଡ଼, କୃଷି ଅଧିଦର୍ଶକ ରଜନୀ ମିଶ୍ର, ପୂର୍ବତନ ସରପଞ୍ଚ ଦୟାନିଧି ପାତ୍ର, ପ୍ରଭାତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅଗ୍ରଣୀ ଚାଷୀ ବିଡିକାନନ୍ଦ ଦାସ, ବିସୁ କେଡ୍ରେକା ମଧ ଉପସ୍ଥିତ ଥିଲେ।

## ■ ଜିଲାସ୍ତରୀୟ କଳା ଉତ୍ସବ
# ଗୀତ, ନାଚ, ବାଦ୍ୟଯନ୍ତ୍ରରେ ଆଦର୍ଶ ବିଦ୍ୟାଳୟ ଛାତ୍ରଙ୍କ ବାଜିମାତ୍

**ଗୁଣପୁର,୪।୧୧(ଡି.ଏନ୍.ଏ)**

କୋଲନରାଠାରେ ଗତ ୧ ତାରିଖରେ ଅନୁଷ୍ଠିତ ଜିଲାସ୍ତରୀୟ କଳା ଉତ୍ସବରେ ଗୁଣପୁର ଆଦର୍ଶ ବିଦ୍ୟାଳୟ ଛାତ୍ରମାନେ ବାଜି ମାରି ନେଇଛନ୍ତି। ଏଥିରେ ଜିଲାର ସମସ୍ତ ସ୍କୁଲର ନବମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ, ଗୀତ, ଚିତ୍ରାଙ୍କନ ଓ ବାଦ୍ୟଯନ୍ତ୍ର ପ୍ରତିଯୋଗିତା କରାଯାଇଥିଲା। ଗୁଣପୁର ଆଦର୍ଶ ବିଦ୍ୟାଳୟର ଛାତ୍ର ବିଭୁ କିଶୋର ଗାଣ୍ଟା ବାଦ୍ୟଯନ୍ତ୍ରରେ ପ୍ରଥମ ହୋଇଛନ୍ତି। ସେହିଭଳି ଗୀତରେ ଦେବ ଶବର ଏବଂ ନୃତ୍ୟରେ ପୁରୁଷୋତ୍ତମ ଶବର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ତିନି ଜଣ କୃତୀ ଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସମେତ ଅନ୍ୟ ଅଧିକାରୀ ଏବଂ କଳା ଶିକ୍ଷକମାନେ ପୁରସ୍କୃତ କରିଥିଲେ। ଏଥିରେ ଆଦର୍ଶ ବିଦ୍ୟାଳୟର ସଂଗୀତ ଶିକ୍ଷୟିତ୍ରୀ ପ୍ରକଲ୍ପିନୀ ପଟ୍ଟନାୟକ, ଅଭିଭାବକ ରମେଶ ଲିମା ପ୍ରମୁଖ ସହଯୋଗ କରଥିଲେ।


ଅତିଥିଙ୍କ ଗହଣରେ କୃତୀ ଛାତ୍ରମାନେ।

### ଉତ୍କଳ ସମ୍ମିଳନୀ ବୈଠକ: ଗଜପତି ପ୍ରତିନିଧିଙ୍କ ଯୋଗଦାନ

**ପାରଳାଖେମୁଣ୍ଡି,୪।୧୧(ସ୍ୱ.ପ୍ର.)** କନ୍ଧମାଳ ଜିଲାର ଦାରିଙ୍ଗିବାଡିଠାରେ ଉତ୍କଳ ସମ୍ମିଳନୀର ୭ମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ମିଳନିର ଗଜପତି ଜିଲା ଶାଖାର ଏକ ପ୍ରତିନିଧିଦଳ ଯୋଗ ଦେଇଥିବା ଜଣାପଡ଼ିଛି। ରାଜ୍ୟ ସଭାପତି ଡ. ଅଦ୍ୱୈତ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରଚଳନ ସମେତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଲୋଚନା ହୋଇଥିଲା। ବୈଠକରେ ଗଜପତି ଜିଲାରୁ ରାଜ୍ୟ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଜିଲା ସଭାପତି ଗୌର ଚନ୍ଦ୍ର ପଣ୍ଡା, ସଂପାଦକ ବିନୋଦ ଚନ୍ଦ୍ର ଜେନା, ବଟକୃଷ୍ଣ ପାତ୍ର, ତ୍ରିପତି ପ୍ରସାଦ ପଣ୍ଡା ଯୋଗଦେଇ ଗଜପତି ଜିଲାର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ସହ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଦାବି ଉପସ୍ଥାପନ କରିଥିଲେ। ବିଶେଷକରି ବଂଶଧାରା, ମହେନ୍ଦ୍ରତନୟା ନଦୀ ଉପରେ ନିର୍ମିତ ଉନ୍ନୟନ ଜଳସେଚନ ପ୍ରକଳ୍ପ ମାନଙ୍କର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଓଡ଼ିଶାର ବିଭିନ୍ନ ଜିଲା ସମେତ ପଡ଼ୋଶୀ ରାଜ୍ୟର ଓଡ଼ିଆ ଭାଷା ପ୍ରେମୀ ପ୍ରତିନିଧିମାନେ ଯୋଗଦେଇ ନିଜ ଅଞ୍ଚଳର ସଂସ୍କୃତିର ସୁରକ୍ଷା ପାଇଁ ମତ ଉପସ୍ଥାପନ କରିଥିବା ଜଣାପଡ଼ିଛି।

### ଦୁର୍ଘଟଣାରେ ୩ ଗୁରୁତର

**ତିହିଡ଼ି, ୪।୧୧ (ଡି.ଏନ.ଏ.):** ଭଦ୍ରକ-ଚାନ୍ଦବାଲି ରାସ୍ତାର ମଙ୍ଗରାଜପୁର ଛକନିକଟରେ ସୋମବାର ଜଣେ ସାଇକେଲ ଆରୋହୀଙ୍କୁ ବାଇକ୍ ଧକ୍କା ଦେବାରୁ ୩ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଗୋଲାପୋଖରୀ ଗ୍ରାମର ଭରତ ସେଠୀ ଓ ହିମାଂଶୁ ବନ୍ଧ ଏବଂ ପାଟଣାସାହିର ହୃଦାନନ୍ଦ ଜେନା।

## ■ ୬ ଗାଁକୁ ନାହିଁ ପକ୍କା ସଡ଼କ
# ଯୋଗାଯୋଗ ମାଧ୍ୟମ ପାଲଟିଛି ପାହାଡିଆ ରାସ୍ତା
### ଜିଲାପାଳଙ୍କୁ ସମସ୍ୟା ଜଣାଇଲେ ଗ୍ରାମବାସୀ

**ରାୟଗଡ଼ା ଅଫିସ,୪।୧୧**

ଗାଁକୁ ନାହିଁ ପକ୍କା ରାସ୍ତା। ଗ୍ରାମବାସୀଙ୍କ ଯୋଗାଯୋଗ ମାଧ୍ୟମ ପାଲଟିଛି ପାହାଡ଼ିଆ ଅଣ ଓସାରିଆ ରାସ୍ତା। ବର୍ଷା ହେଲେ ଉକ୍ତ ରାସ୍ତାରେ ଆଣ୍ଠୁଏ କାଦୁଅ। ସେ ସମୟରେ ଏହି ରାସ୍ତା ଦେଇ ଯିବାଆସିବା କାଠିକର ପାଠ। ଏଭଳି ସମୟରେ କେହି ରୋଗରେ ପଡିଲେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା କଷ୍ଟକର ହୋଇପଡ଼େ। ଅତି ଜରୁରୀ ହେଲେ ଭାରରେ ବୋହି ରୋଗୀଙ୍କୁ ଗାଁରୁ ୬ କିମି ଆଣିବା ପରେ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ନିଆଯାଏ। ଠିକ୍ ସମୟରେ ଆମ୍ବୁଲାନ୍ସ ନିକଟରେ ନ ପହଞ୍ଚି ପାରିବାରୁ ଅନେକ ସମୟରେ ଗର୍ଭବତୀ ଓ ନବଜାତକଙ୍କ ମୃତ୍ୟୁ ହୋଇଥାଏ ବୋଲି ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସୋମବାର କାଶୀପୁର ବ୍ଲକର ତୟାଙ୍ଗିରି, ଉପରମାଣ୍ଡି ଝୋଲା, ତଳମାଣ୍ଡି ଝୋଲା, ବାପୁଲା, ବଦଳା ଓ ସିରିପାଇ ଗ୍ରାମବାସୀ କହିଛନ୍ତି। ଗାଁକୁ ରାସ୍ତା ନ ଥିବାରୁ ଲୋକେ ଅନେକ ସମସ୍ୟା ମଧ୍ୟରେ ଜୀବନ ବିତାଉଛନ୍ତି। ଏ ସମସ୍ୟା ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ରାସ୍ତା ନିର୍ମାଣ ପାଇଁ ୧୨ଥର ଦାବିପତ୍ର ଦେଇଥିଲେ ମଧ କିଛି ଲାଭ ହୋଇନି ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ କାଶୀପୁର ବିଡିଓ ବେଦଧର ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଏପରି କୌଣସି ଅଭିଯୋଗ ପ୍ରଶାସନ ନିକଟକୁ ଆସିନାହିଁ। ସେ ସବୁ ଗାଁରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତା ନିର୍ମାଣ କରାଯିବ।

# ଟ୍ରେନ୍ ଧକ୍କାରେ ୧୬ ଗୋରୁ ମୃତ

**ରାୟଗଡ଼ା ଅଫିସ, ୪।୧୧**

ଜେମାଦେଇପେଣ୍ଠ-ଲାଡା ଷ୍ଟେସନ ମଧ୍ୟସ୍ଥ ରେଳ ଧାରଣାରେ ସୋମବାର ସନ୍ଧ୍ୟାରେ ଏକ ଟ୍ରେନ୍ ଧକ୍କାରେ ୧୬ ଗୋରୁଙ୍କ ମୃତ୍ୟୁ ହୋଇଛି। ଟ୍ରେନ୍ ଡ୍ରାଇଭର ଏ ନେଇ ଆର୍‌ପିଏଫ୍‌କୁ ସୂଚନା ଦେଇଥିଲେ। ଏବେ ଘଟଣାର ତଦନ୍ତ ଚାଲିଛି। ପ୍ରକାଶ ଯେ, ସନ୍ଧ୍ୟାରେ ବିଶାଖାପାଟଣା-କୋରାପୁଟ ଇଣ୍ଟରସିଟି ଏକ୍ସପ୍ରେସ ଜେମାଦେଇପେଣ୍ଠରୁ ଯାଉଥିବା ବେଳେ ହଠାତ୍ ୧୬ ଗୋରୁ ଟ୍ରାକ୍ ଉପରକୁ ଚାଲି ଆସିଥିଲେ।



# ପ୍ଲାଷ୍ଟିକମୁକ୍ତ ସମାଜ ଗଠନ ପାଇଁ ସଫେଇ


ପିଲାମାନେ ସଫେଇ କରୁଛନ୍ତି।

**ଜେକେପୁର, ୪।୧୧**

ଜେକେପୁର ଶ୍ରୀଗୁରୁ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ଇମ୍ପା ସରକାରୀ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ପ୍ରମୋଦ କୁମାର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିର ବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ସଭାପତି ରାଧାଶ୍ୟାମ ପଲାଇ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ସତ୍ୟ ନାରାୟଣ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ସ୍ୱଚ୍ଛ ସମାଜ ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ପ୍ଲାଷ୍ଟିକ ମୁକ୍ତ ସମାଜ ସବୁଜ ଭାରତ ଗଠନ ଉପରେ ଅତିଥିମାନେ ପିଲାମାନଙ୍କ ମାର୍ଗ ଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ଗୁରୁବନ୍ଦନା ଗାନ କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପଲତା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିକ୍ଷକ ଶ୍ରୀକାନ୍ତ ଧନ୍ୟବାଦ ଦେଇଥିଲେ। ସ୍କୁଲର ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଇ ସ୍ୱଚ୍ଛ ଭାରତ, ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ ପାଇଁ ଲୋକଙ୍କୁ ସଚେତନ କରିଥିଲେ। ବିଦ୍ୟାଳୟ ପରିସର ଓ ଚତୁଃପାର୍ଶ୍ୱ ସଫା କରିଥିଲେ। ଏଥିସହ ଗୋପବନ୍ଧୁଙ୍କ ମୂର୍ତ୍ତି ନିକଟରେ ପଡିଥିବା ଅଳିଆ ଆବର୍ଜନାକୁ ପିଲାମାନେ ସଫା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ କମିଟି ଉପସଭାପତି ପ୍ରଫୁଲ୍ଲ ପଲାଇ ଉପସ୍ଥିତ ଥିଲେ।

## ■ ଅଭିଭାବକ ସମ୍ମିଳନୀ
# ପିଲାଙ୍କ ବୌଦ୍ଧିକ ବିକାଶରେ ମା'ଙ୍କ ଭୂମିକା ମୁଖ୍ୟ


ବୈଠକରେ ଉପସ୍ଥିତ ଅଭିଭାବକ ଓ ଅନ୍ୟମାନେ।

**ମୁନିଗୁଡା, ୪।୧୧**

ମୁନିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ଏକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ବେରଦଲେଇ ଓ ଶିଶୁ ବାଟିକା ପ୍ରମୁଖ ରଶ୍ମିତା ନାୟକଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଶିଶୁ ମନ୍ଦିରର ସଭାପତି ବି.ଉମାଶଙ୍କର ପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସମ୍ପାଦକ ପ୍ରଶାନ୍ତ କୁମାର ରତ୍ନାଲୁ, ଯୁଗ୍ମ ସମ୍ପାଦକ ରଜତ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ମା' ହିଁ ପିଲାମାନଙ୍କ ପ୍ରଥମ ଗୁରୁ। ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ପାଇଁ ମା'ମାନେ ପିଲାଙ୍କ ପାଠ ପ୍ରତି ଧ୍ୟାନ ଦେବା ଜରୁରୀ ବୋଲି ବୈଠକରେ ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ କୋଷାଧ୍ୟକ୍ଷ ରାମକୃଷ୍ଣ ପାଣିଗ୍ରାହୀ, ଉପସଭାପତି ଲକ୍ଷ୍ମଣ ଜେନା, ସଦସ୍ୟ ବିଷ୍ଣୁପ୍ରିୟା ସାହୁକାର, ଶୈଳଜା କାଡ୍ରାକା, ଗୁରୁଜୀ ଗିରିଜା ପ୍ରସାଦ ମିଶ୍ର, ସୁବ୍ରତ ପାତ୍ର, ଗୁରୁମା ଗୀତାଞ୍ଜଳି ବେହେରା, ସୁଜାତା ନାୟକ, କୁମୁଦିନୀ ପଣ୍ଡା, କଳ୍ପନା ଦାସ, କୁସୁମାଞ୍ଜଳି ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ■ ଦେଖିପାରୁନାହାନ୍ତି ମିତାଲି
# ଚିକିତ୍ସାରେ ଅର୍ଥ ବାଧକ
### ଜିଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ ସହାୟତା

**ରାୟଗଡ଼ା ଅଫିସ, ୪।୧୧**

ପିଲାଟି ବେଳୁ ଝିଅର ଆଖି ଖରାପ ଥିଲା। ତାକୁ ନେଇ ବଡ଼ ବଡ଼ ଡାକ୍ତରଖାନାରେ ଦେଖାଇଲି। ଧାର ଉଦ୍ଧାର କରି ଅସ୍ତ୍ରୋପଚାର ମଧ୍ୟ କରାଗଲା। କିନ୍ତୁ କୌଣସି ସୁଫଳ ମିଳିଲାନି। ଏବେ ଝିଅକୁ କିଛି ଦେଖାଯାଉନି। ମୂଲ ଲାଗି ଘର ଚଳାଉଥିବାବେଳେ ଝିଅର ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ କରିପାରୁନି। ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦିଆଯାଉ ବୋଲି ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଚାନ୍ଦିଲି ଥାନା ଅଧୀନ କୁଦାଳିମା ଗ୍ରାମର ନିରଞ୍ଜନ ପାତ୍ର ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜଣାଇଛନ୍ତି।

ନିରଞ୍ଜନଙ୍କ ଝିଅ ମିତାଲିଙ୍କ ବୟସ ଏବେ ୮। ଜନ୍ମରୁ ମିତାଲିଙ୍କ ଆଖି ଖରାପ ଥିଲା। ସେଥିରୁ ସବୁବେଳେ ପାଣି ବାହାରେ। ବଡ଼ ହେବାରୁ ସ୍କୁଲରେ ମିତାଲିଙ୍କ ଆଡ୍‌ମିଶନ କରାଗଲା। ୨୦୧୭ରେ ତାଙ୍କ ଦୃଷ୍ଟି ଶକ୍ତି ସମ୍ପୂର୍ଣ୍ଣ ପଳାଇବାରୁ ମିତାଲିଙ୍କ ପାଠ ପଢ଼ା ମଧ ବନ୍ଦ ହୋଇଗଲା। ପରିବାର ଲୋକେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ସେଠାରେ ମିତାଲିଙ୍କୁ ପରୀକ୍ଷା କରି ସ୍ଥାନୀୟ ପିତାମହଲସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ପଠାଇଥିଲେ। ସେଠାକାର ଡାକ୍ତର ତାଙ୍କୁ ଭୁବନେଶ୍ୱର ପଠାଇଥିଲେ। ଦିନ ମଜୁରିଆଭାବେ କାମ କରୁଥିବା ନିରଞ୍ଜନ ଧାର କରଜ କରି ସେଠାରେ ମିତାଲିଙ୍କ ଆଖିର ଅସ୍ତ୍ରୋପଚାର କରାଇଥିଲେ। ଏହାପରେ ମଧ କିଛି ସୁଫଳ ମିଳିଲାନି। ମିତାଲିଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗତ ୧୬ ତାରିଖରେ ପରିବାର ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଯୋଗେ ଅନୁରୋଧ କରିଛନ୍ତି। ସୋମବାର ସ୍ଥାନୀୟ ସଦ୍‌ଭାବନା ଗୃହର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ମିତାଲିଙ୍କ ପରିବାର ଲୋକେ ଯାଇ ଏ ଦିଗରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଘଟଣା ସମ୍ପର୍କରେ ଜିଲାପାଳ ପ୍ରମୋଦ କୁମାର ଜାଣିବା ପରେ ଆରଡ଼ିଏସ୍ ପକ୍ଷରୁ ମାଗଣାରେ ଚିକିତ୍ସା ହେବାକଥା। କିନ୍ତୁ ନିରଞ୍ଜନ ଟଙ୍କା ଖର୍ଚ୍ଚ କରିଥିବା ଘଟଣାର ତଦନ୍ତ ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ କରିବେ। ଏଥିସହ ମାଗଣାରେ ମିତାଲିଙ୍କ ଚିକିତ୍ସା କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।


ମିତାଲି।

## ■ ରାଜ୍ୟସ୍ତରୀୟ ଖୋଖୋ ପ୍ରତିଯୋଗିତା
# ଗୁଣପୁର ଗାନ୍ଧୀ ପବ୍ଲିକ୍ ସ୍କୁଲ ରନର୍ସଅପ୍


ଖେଳାଳିମାନେ ମାନପତ୍ର ଓ ଟ୍ରଫି ପ୍ରଦର୍ଶନ କରୁଛନ୍ତି।

**ଗୁଣପୁର,୪।୧୧(ଡି.ଏନ୍.ଏ)**

ପଶ୍ଚିମବଙ୍ଗ କାଞ୍ଚରପରା ସହରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଖୋଖୋ ପ୍ରତିଯୋଗିତାରେ ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲ (ଜିପିଏସ୍) ରନର୍ସଅପ୍ ହୋଇଛି। ଏଥିରେ ୧୭ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ବିଭାଗରେ ଏହି ଖେଳ ଅନୁଷ୍ଠିତ ହୋଇଥିଲା। ଉଭୟ ବିଭାଗରେ ଗାନ୍ଧୀ ପବ୍ଲିକ୍ ସ୍କୁଲକୁ ସଫଳତା ମିଳିଛି। ଏଥିରେ ଓଡ଼ିଶା, ଛତିଶଗଡ଼ ଏବଂ ପଶ୍ଚିମବଙ୍ଗର ୨୫ଟି ସିବିଏସ୍‌ଇ ସ୍କୁଲ ଭାଗ ନେଇଥିଲେ। ୧୭ ବର୍ଷରୁ କମ ବର୍ଗରେ ପ୍ରଥମଥର ପାଇଁ ଜିପିଏସ୍ ଭାଗ ନେଇ ରନର୍ସଅପ୍ ହୋଇଛି। ୧୯ ବର୍ଷରୁ କମ୍ ବାଳକ ଖୋଖୋ ଲିଗ୍ ମ୍ୟାଚରେ ୭୧ ପଏଣ୍ଟ ପାଇ ଜିପିଏସ୍ ରନର୍ସଅପ୍ ହୋଇଛି। ୧୭ ବର୍ଷରୁ କମ ଦଳର ଅଧିନାୟକ କ୍ଷିତିଜ ମିଶ୍ର ଏବଂ ୧୯ବର୍ଷରୁ କମ୍ ଦଳର ଅଧିନାୟକ ପ୍ରତୀକ ମହାପାତ୍ର ସିବିଏସ୍‌ଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। କ୍ରୀଡା ଶିକ୍ଷକ ଦେବେନ୍ଦ୍ର ନାୟକ ଏବଂ ମ୍ୟାନେଜର ଅନନ୍ତ ରଥଙ୍କ ତତ୍ତ୍ୱାବଧାନରେ ଟିମ୍ ପ୍ରତିଯୋଗିତାରେ ସାମିଲ ହୋଇଥିଲା। ଜିଆଇଇଟି ବିଶ୍ୱବିଦ୍ୟାଳୟ ଡାଇରେକ୍ଟର ଜେନରାଲ ଡ. ଜଗଦୀଶ ପଣ୍ଡା ଏବଂ ପ୍ରିନ୍ସପାଲ ପ୍ରଶାନ୍ତ କୁମାର ପଣ୍ଡା ପିଲାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।